**ସଂକ୍ଷେପରେ**

## ଘନ କୁହୁଡ଼ି: ବିମାନ ଚଳାଚଳ ବାଧାପ୍ରାପ୍ତ

ଭୁବନେଶ୍ୱର,୧୯।୧(ବ୍ୟୁରୋ): ଭୁବନେଶ୍ୱରରେ ରବିବାର ସକାଳେ ଘନ କୁହୁଡ଼ି ଯୋଗୁ ବିମାନସେବା ବାଧାପ୍ରାପ୍ତ ହୋଇଛି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ବିମାନଗୁଡିକ ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଚଳାଚଳ କରିଛି। ୫ ବିମାନ ବିଳମ୍ବରେ ଉଡ଼ାଣ କରିଥିବାବେଳେ ଦିଲ୍ଲୀ-ଭୁବନେଶ୍ୱର ଇଣ୍ଡିଗୋ ବିମାନର ଗତିପଥକୁ ବଦଳାଇ ଦିଆଯାଇଥିଲା। ମିଳିଥିବା ସୂଚନାନୁସାରେ, କୁହୁଡ଼ି ପାଇଁ ଭୁବନେଶ୍ୱର ବିମାନବନ୍ଦରରୁ ଏୟାର ଇଣ୍ଡିଆର ଭୁବନେଶ୍ୱର-ଦିଲ୍ଲୀ ବିମାନ ବିଳମ୍ବରେ ଯାତ୍ରା କରିଥିଲା। ଦିଲ୍ଲୀରୁ ଭୁବନେଶ୍ୱର ଆସିବାକୁ ଥିବା ଇଣ୍ଡିଗୋ ବିମାନ (ନଂ.୨୨୧୪)କୁ ଭୋର୍ ୪ଟା ୩୭ ସମୟରେ ଭୁବନେଶ୍ୱର ପରିବର୍ତ୍ତେ କଲିକତାକୁ ଡାଇଭର୍ଟ କରାଯାଇଥିଲା। ତେବେ କୁହୁଡ଼ି ଦୂର ହେବାପରେ ସକାଳ ୯ଟା ୧୦ରେ ଏହି ବିମାନ ଆସି ଭୁବନେଶ୍ୱରରେ ପହଞ୍ଚିଥିଲା। ଏହାବ୍ୟତୀତ ଏୟାର ଏସିଆର କଲିକତା-ଭୁବନେଶ୍ୱର ବିମାନ କୁହୁଡ଼ି ଯୋଗୁ ବିଳମ୍ବରେ ଅର୍ଥାତ୍ ୧୧ଟା ୧୯ରେ ଭୁବନେଶ୍ୱରରେ ପହଞ୍ଚିଥିଲା। ସେହିପରି ଇଣ୍ଡିଗୋର କଲିକତା-ଭୁବନେଶ୍ୱର-ଗୌହାଟୀ ବିମାନ, ଚେନ୍ନାଇ-ଭୁବନେଶ୍ୱର-ବେଙ୍ଗାଲୁରୁ ବିମାନ ଓ କୋଚି-ଭୁବନେଶ୍ୱର-କୋଚି ବିମାନ ବିଳମ୍ବରେ ଚଳାଚଳ କରିଥିଲା।

## ଜ୍ୱାଇଁଙ୍କ ମାଡ଼ରେ ଶ୍ୱଶୁର ମୃତ

ପଟ୍ଟାଙ୍ଗି,୧୯।୧(ଡି.ଏନ୍.ଏ.): କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ତଥା ସୁଙ୍କି ଫାଣ୍ଡି ଅଧୀନସ୍ଥ ରାବାଲପାଡୁ ଗ୍ରାମରେ ଶ୍ୱଶୁରଙ୍କୁ ତାଙ୍କ ଜ୍ୱାଇଁ ହତ୍ୟା କରିଛନ୍ତି। ସୁଙ୍କି ଫାଣ୍ଡି ଝିଅ ଜ୍ୱାଇଁଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ରାବାଲପାଡୁରେ ରହୁଥିବା ଗେମେଲ ଲାଛାୟାଙ୍କ ସହ କୌଣସି କାରଣରୁ ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କ ଜ୍ୱାଇଁ ମୁସୁରି ଲାଛାୟାଙ୍କ ମଧ୍ୟରେ ବଚସା ସହ ହାତାହାତି ହୋଇଥିଲା। ଏଥିରେ ଜ୍ୱାଇଁ ଲାଛାୟା ରାଗିଯାଇ ଗେମେଲଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

## ପୁରୀ ବନ୍ୟପ୍ରାଣୀ ବନଖଣ୍ଡରେ ଡଲ୍‌ଫିନ ଶୂନ

ପୁରୀ ଅଫିସ/କାକଟପୁର/ବ୍ରହ୍ମଗିରି/କୋଣାର୍କ,(ଡି.ଏନ.ଏ.)୧୯।୧ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ଡଲ୍‌ଫିନ ନାହାନ୍ତି। ଶନିବାର ହୋଇଥିବା ଗଣତିରୁ ଏହା ସ୍ପଷ୍ଟ ହୋଇଛି। ପୁରୀ ବନଖଣ୍ଡ ଅଧୀନରେ ୫ଟି ରେଞ୍ଜ୍ ବ୍ରହ୍ମଗିରି, ବାଲୁଖଣ୍ଡ, କୋଣାର୍କ, ଗୋପ ଓ ଅସ୍ତରଙ୍ଗ ରହିଛି। ଏଥିମଧ୍ୟରୁ ଗୋପ ରେଞ୍ଜ୍‌ରେ ଡଲ୍‌ଫିନ ରହିବା ଲାଗି କୌଣସି ଜଳାଶୟ ନ ଥିବାରୁ ଅନ୍ୟ ୪ଟି ରେଞ୍ଜ୍‌ରେ ଗଣତି କରାଯାଇଥିଲା। ଦେବୀ ମୁହାଣଠାରୁ ଅରଖକୁଦା ମୁହାଣ ପର୍ଯ୍ୟନ୍ତ ବ୍ୟାପୀ ଥିବା ଏହି ୪ଟି ରେଞ୍ଜ୍‌ରେ ଗୋଟିଏ ହେଲେ ବି ଡଲ୍‌ଫିନ ଦେଖିବାକୁ ମିଳି ନ ଥିବା ପୁରୀ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି। ତେବେ ଏହି ଗଣତିରେ କୁହୁଡ଼ି ବାଧକ ସାଜିଥିଲା। ପୂର୍ବ ନିର୍ଦ୍ଧାରିତ ସକାଳ ୬ଟାରୁ ଗଣତି କରିବା ସମ୍ଭବ ହୋଇ ନ ଥିଲା। ସକାଳ ସାଢେ ୯ଟାରୁ ପ୍ରାୟ ସନ୍ଧ୍ୟା ପର୍ଯ୍ୟନ୍ତ ୧୦ଟି ଟିମ୍ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଥିବା ଡିଏଫ୍‌ଓ କହିଛନ୍ତି। ଗତବର୍ଷ କେଲୁଣି ମୁହାଣରେ ୫ଟି ବଟଲନୋଜ୍ ଡଲ୍‌ଫିନ ଦେଖିବାକୁ ମିଳିଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ଶୂନ୍ ରହିବାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅସ୍ତରଙ୍ଗ ରେଞ୍ଜ୍‌ରେ ୪ଟି, ବ୍ରହ୍ମଗିରି ରେଞ୍ଜ୍‌ରେ ଗୋଟିଏ, କୋଣାର୍କ ରେଞ୍ଜ୍‌ରେ ଗୋଟିଏ, ବାଲୁଖଣ୍ଡ ରେଞ୍ଜ୍‌ରେ ୪ଟି ଟିମ୍ ଗଣନାରେ ସାମିଲ ହୋଇଥିଲେ।

## ଜେସିବି ଜାଳିଲେ ମାଓବାଦୀ

ମାଲକାନଗିରି,୧୯।୧ (ଡି.ଏନ୍.ଏ.): ମାଲକାନଗିରି ଜିଲା ସୀମାନ୍ତରେ ମାଓବାଦୀମାନେ ପୁଣି ରାସ୍ତା କାମକୁ ବିରୋଧ କରିଛନ୍ତି। ଏଥିରେ ନିୟୋଜିତ ଏକ ଜେସିବି ମେଶିନ୍ ଓ ଟାଟା ଏସିଇକୁ ପୋଡି ଦେଇଛନ୍ତି। ସୁକୁମା ଜିଲା କୋଣ୍ଟା ଥାନା ଅନ୍ତର୍ଗତ ଏଡଲାପାଲିଠାରେ ରାସ୍ତା କାମ ଚାଲିଥିବା ବେଳେ ଏପରି ଘଟଣା ଘଟିଛି। ରାସ୍ତା କାମ ଓ ଠିକା କ୍ୟାମ୍ପକୁ ବିରୋଧ କରି ମାଓବାଦୀମାନେ ସେଠାରେ ପହଞ୍ଚି ଏପରି ପୋଡାଜଳା କରିଛନ୍ତି। ଆଦିବାସୀଙ୍କଠାରୁ କମ୍ ମୂଲ୍ୟରେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ଅଭିଯୋଗ ମଧ୍ୟ ସେମାନେ ଆଣିଛନ୍ତି। ଅନ୍ୟପକ୍ଷରେ ପୋଲିସ ପକ୍ଷରୁ ଦିଗାପୁର ଜିଲାରେ କୋମ୍ବିଂ ଅପରେଶନ ବେଳେ ଲ୍ୟାଣ୍ଡମାଇନ୍ ମଧ୍ୟ ଜବତ କରାଯାଇଛି।

# କୃଷକଙ୍କୁ ମିଳୁ ସମ୍ମାନ :ରାଜ୍ୟପାଳ

**କୃଷି ଓଡ଼ିଶା-୨୦୧୯ ଉଦ୍‌ଯାପିତ**



କାର୍ଯ୍ୟକ୍ରମରେ ରାଜ୍ୟପାଳ ଗଣେଶୀ ଲାଲ ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ମନୁଷ୍ୟ ଜୀବନଧାରଣ ପାଇଁ ମାଟି ଓ ପାଣି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ମାଟିର ସ୍ୱାସ୍ଥ୍ୟରକ୍ଷା ପାଇଁ ବିଶେଷ ଧ୍ୟାନ ଦେବା ଦରକାର । ମାତ୍ର ବାସ୍ତବରେ ତାହା ହେଉ ନାହିଁ। ମାଟି ଓ ପାଣି ପ୍ରଦୂଷିତ ହେଉଛି। ମାଟି ଶୁଦ୍ଧୀକରଣକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପରାମର୍ଶ ଦେଇଛନ୍ତି । ବରମୁଣ୍ଡାଠାରେ ଅନୁଷ୍ଠିତ କୃଷି ଓଡ଼ିଶା ସମାରୋହର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ, କୃଷକମାନଙ୍କ ଜୀବିକା ଓ ଜୀବନଧାରଣ ମାନରେ ଉନ୍ନତି ହେବା ଦରକାର । କୃଷି କ୍ଷେତ୍ରର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁବିଧ କାର୍ଯ୍ୟକ୍ରମ ଓ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହାର ସୁଫଳ ଚାଷୀଙ୍କ ପାଖରେ ପହଞ୍ଚିବା ଦରକାର ବୋଲି ରାଜ୍ୟପାଳ କହିଛନ୍ତି । ପୃଥିବୀକୁ ମା' ସମାନ ଆଦର କରିବା ସହିତ କୃଷକମାନେ ଯେପରି ଉଚିତ ସମ୍ମାନ ପାଇବେ ସେ ଦିଗରେ ସମସ୍ତେ ଯତ୍ନବାନ୍ ହେବା ଆବଶ୍ୟକ। କୃଷକମାନଙ୍କର ଜୀବନଧାରଣ ମାନରେ ଉନ୍ନତି ଆଣିବା ପାଇଁ କୃଷିବୈଜ୍ଞାନିକ ଓ ପ୍ରଶାସନ ସ୍ତରରେ ପ୍ରଚେଷ୍ଟା ଜାରି ରହିବା ଦରକାର । ଫଳରେ ଚାଷୀ ଆତ୍ମହତ୍ୟା ଭଳି ଘଟଣା ଶୁଣିବାକୁ ମିଳିବ ନାହିଁ ବୋଲି ରାଜ୍ୟପାଳ କହିଛନ୍ତି। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି ଯେ, ଧାନ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ଅଗ୍ରଗତି ଘଟିବା ଯୋଗୁ ରାଜ୍ୟ ଏକ ବଳକା ରାଜ୍ୟରେ ପରିଗଣିତ ହେବା ସହିତ କୃଷି କର୍ମଣ ପୁରସ୍କାର ଲାଭ କରୁଛି ବୋଲି ପାତ୍ର କହିଛନ୍ତି । ଅର୍ଥ ମନ୍ତ୍ରୀ ଶଶିଭୂଷଣ ବେହେରା ଉତ୍ସବରେ ପୌରୋହିତ୍ୟ କରି କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଦ୍ୱାରା କୃଷିକୁ ପ୍ରାଧାନ୍ୟ ଦେଇ ସ୍ୱତନ୍ତ୍ର କୃଷି କ୍ୟାବିନେଟ୍, ସ୍ୱତନ୍ତ୍ର କୃଷି ବଜେଟ୍ ଏବଂ ବଜେଟ୍‌ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ପ୍ରତିବର୍ଷ ଅଧିକରୁ ଅଧିକ ଅର୍ଥ ବ୍ୟବସ୍ଥା ଫଳରେ କୃଷିରେ ପ୍ରଭୂତ ଉନ୍ନତି ଘଟିଛି ଏବଂ ଯୁବକମାନେ ଚାକିରି ପଛରେ ନ ଧାଇଁ କୃଷିକୁ ଆପଣେଇବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ରାଜ୍ୟ ସରକାର ଚାଷ ଓ ଚାଷୀଙ୍କୁ ପ୍ରୋତ୍ସାହନ ଦେବା ନିମନ୍ତେ ବିଭିନ୍ନ ଯୋଜନା ପ୍ରଣୟନ କରିଥିବା ବେଳେ ସମ୍ପ୍ରତି 'କାଳିଆ' ଯୋଜନା ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ତଥା ଭୂମିହୀନ ଚାଷୀଙ୍କ ଭିତରେ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ପ୍ରାଣୀସମ୍ପଦ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଚାଷୀଙ୍କୁ ରାଜ୍ୟପାଳ ପୁରସ୍କାର ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ୫ ଦିନ ବ୍ୟାପୀ ଆୟୋଜିତ ପ୍ରଦର୍ଶନୀରେ ଶ୍ରେଷ୍ଠ ମଣ୍ଡପଗୁଡ଼ିକୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଉତ୍ସବ ଶେଷ ଦିବସରେ 'ଷ୍ଟ୍ରେଙ୍ଗଦେନିଂ ଲଜିଷ୍ଟିକ, କୋଲ୍ଡ ଚେନ ଆଣ୍ଡ ୱେରହାଉସ' ବିଷୟରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଜି. ଶ୍ରୀନିବାସ, ସିଆଇଆଇର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର କେ.ଭି. ମହୀଧର, ଧାମରା ବନ୍ଦର ସିଇଓ ସୁବ୍ରତ ତ୍ରିପାଠୀ, ଏସିଏଆଇ ରିଜିଓନାଲ ଚେୟାରମ୍ୟାନ ଜୟଦୀପ ରାହା, ନାବାର୍ଡ ସିଜିଏମ ଏମ. ସୋରେନ ଏବଂ ନ୍ୟାଶନାଲ ରେନଫେଡ ଏରିଆ ଅଥରିଟିର ସିଇଓ ଅଶୋକ ଦଲୱାଇ ଏବଂ ୧୦୦ଜଣ କୃଷକ ପ୍ୟାନେଲ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଜ୍ଞାନିକ ଓ କୃଷକ ମଧ୍ୟରେ ଆଲୋଚନା ହୋଇଥିଲା। ସମାରୋହରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଜଙ୍ଗଲ ଓ ପରିବେଶ) ସୁରେଶ ଚନ୍ଦ୍ର ମହାପାତ୍ର, ଭାରତ ସରକାରଙ୍କ କୃଷି ବିଭାଗର ଯୁଗ୍ମ ଶାସନ ସଚିବ ପି.କେ. ସ୍ୱାଇଁ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ସୁରେନ୍ଦ୍ରନାଥ ପଶୁପାଳକ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର, ଉଦ୍ୟାନ କୃଷି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟଙ୍କ ସମେତ ସିଆଇଆଇ ଓ ବିଭିନ୍ନ କୃଷି ପ୍ରତିଷ୍ଠାନର ପ୍ରତିନିଧି ଉପସ୍ଥିତ ଥିଲେ ।

# ପଶ୍ଚିମରେ ଥଣ୍ଡା, ଉପକୂଳରେ କୁହୁଡ଼ି

■ ୮ ଜିଲାରେ ପ୍ରବଳ କୁହୁଡ଼ି ସମ୍ଭାବନା

**ଭୁବନେଶ୍ୱର,୧୯।୧(ବ୍ୟୁରୋ):** ରାଜ୍ୟରେ ଶୀତ ପ୍ରକୋପ ହ୍ରାସ ପାଇଥିଲେ ମଧ୍ୟ ଉପକୂଳ ଓଡ଼ିଶାରେ ପ୍ରବଳ କୁହୁଡି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଶନିବାର ପାହାନ୍ତାରୁ କୁହୁଡି ମାଡି ଆସିଥିଲା। ୨୦୦ ମିଟରରୁ ଅଧିକ ଦୂରକୁ ଦେଖା ଯାଉ ନ ଥିଲା। ରାସ୍ତାରେ ଯାତାୟାତ କରୁଥିବା ଯାନବାହନଗୁଡିକ ଲାଇଟ ଲଗାଇ ଯାଉଥିବା ଦେଖିବାକୁ ମିଳିଥିଲା। ପୂର୍ବଦିନ ଭଳି ସକାଳୁ ପାର୍କରେ ଭିଡ ଦେଖିବାକୁ ମିଳି ନ ଥିଲା। କୁହୁଡିର ପ୍ରଭାବ ସକାଳ ୧୦ଟା ଯାଏ ରହିଥିଲା। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଖୋର୍ଦ୍ଧା, ପୁରୀ, ନୟାଗଡ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଭଦ୍ରକ ଏବଂ ଯାଜପୁର ଜିଲାର କେତେକ ସ୍ଥାନରେ ପ୍ରବଳ କୁହୁଡି ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏହି ସମୟରେ ୨୦୦ ମିଟର ପର୍ଯ୍ୟନ୍ତ ଦେଖିବା ସମ୍ଭବ ହେବ ନାହିଁ। ତେବେ ଓଡିଶାରେ ଶୀତର ପ୍ରକୋପ ଜାରି ରହିବ। ପାରଦ ୧୦ ଡିଗ୍ରୀ ତଳକୁ ଖସିଯିବ। ମିଳିଥବା ସୂଚନା ଅନୁଯାୟୀ ଫୁଲବାଣୀରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୮.୬, ଝାରସୁଗୁଡା ୯.୫, କେନ୍ଦୁଝର ୯.୮, ସୋନପୁର ୯.୪ ଏବଂ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।




**ଶିଶୁ କନ୍ୟାକୁ ବଳାତ୍କାର ଅଭିଯୋଗ**

# ସମ୍ପର୍କୀୟ ଭାଇ ନାଁରେ ଏତଲା

ବନ୍ତଳା,୧୯।୧(ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଳା ଥାନା ଅଞ୍ଚଳରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ସାଢେ ୩ ବର୍ଷର ଶିଶୁ କନ୍ୟାକୁ ସମ୍ପର୍କୀୟ ଭାଇ ବଳାତ୍କାର କରିଥିବା ଶନିବାର ରାତିରେ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ନଂ. ୮/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଶିଶୁକନ୍ୟା ଜଣକ ମା' ଓ ବଡ ମା'ଙ୍କ ସହ ଶୁକ୍ରବାର ଅପରାହ୍ନରେ ପିଆଜ ବଗିଚାକୁ ଯାଇଥିଲେ। ଅପରାହ୍ନ ୫ଟାରେ ସେଠାରୁ ଏକା ଘରକୁ ପଳାଇଥିଲେ। ହେଲେ ରାତି ପ୍ରାୟ ୧୦ଟାରେ ଶରୀରରେ ଯନ୍ତ୍ରଣା ହେଉଥିବା ସେ ମା'ଙ୍କୁ କହିଥିଲେ। ସମ୍ପର୍କୀୟ ଭାଇ ତାକୁ ଡାକି ନେଇଥିବା କହିବା ପରେ ପରିବାର ଲୋକେ ବଳାତ୍କାର କରାଯାଇଥିବା ଜାଣିବାକୁ ପାଇଥିଲେ। ଶନିବାର ସକାଳେ ଝିଅକୁ ଧରି ପରିବାର ଲୋକେ ସ୍ଥାନୀୟ ଏକ ବେସରକାରୀ ହସ୍ପିଟାଲକୁ ନେଇଥିଲେ ହେଁ କର୍ତ୍ତୃପକ୍ଷ ସରକାରୀ ଡାକ୍ତରଖାନା ନେବା ଏବଂ ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ହେଲେ ଅଭିଯୁକ୍ତଙ୍କ ପରିବାର ଲୋକେ ବିଭିନ୍ନ ପ୍ରଲୋଭନ ଦେଖାଇ ତାହା କରିବାକୁ ଦେଇ ନ ଥିଲେ। ତେବେ ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସନ୍ଧ୍ୟା ପ୍ରାୟ ୭ଟାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସା ନ କରି ଡାକ୍ତର ଥାନାକୁ ପଠାଇ ଦେଇଥିଲେ। ପରିବାର ଲୋକେ ରାତିରେ ବନ୍ତଳା ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଶିଶୁଟିକୁ ବନ୍ତଳା ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟର ସିଡିଏମ୍‌ଓ ଡା. ଅମରେନ୍ଦ୍ର ନାଥ ମହାନ୍ତି କୁହନ୍ତି, ପୀଡିତା ଶିଶୁକନ୍ୟାଙ୍କୁ ଫେରାଯିବା କଥା ନୁହେଁ। ଘଟଣା ବାବଦରେ ବୁଝି କହିବି। ବନ୍ତଳା ଥାନା ଆଇଆଇସି ସବ୍ୟସାଚୀ ରାଉତ କୁହନ୍ତି, ଅଭିଯୋଗ ଅନୁଯାୟୀ ମାମଲା ରୁଜୁ ହେବା ସହ ତଦନ୍ତ ଜାରି ରହିଛି।

## ଯୁବତୀଙ୍କୁ ଏସିଡ୍ ମାଡ଼ ଧମକ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ୍,୧୯।୧

ଜଣେ ଯୁବତୀଙ୍କୁ ଏସିଡ୍ ମାଡ଼ ଧମକ ଦେବା ଅଭିଯୋଗରେ ବ୍ରହ୍ମପୁର ବୈଦ୍ୟନାଥପୁର ପୋଲିସ ଶନିବାର ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲେ ରାମନଗର ଅଷ୍ଟମ ଲେନ୍‌ର ଶ୍ରୀବସ୍ତ ଲାଞ୍ଛନ ବେହେରା (୧୯)। ଗିରଫ ପରେ ପୋଲିସ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ପ୍ରକାଶଯେ, ଶ୍ରୀବସ୍ତ କଲେଜ ପଢୁଥିବା ଜଣେ ଛାତ୍ରୀଙ୍କ ସଂସ୍ପର୍ଶରେ ଆସିଥିଲେ। ବନ୍ଧୁତ୍ୱ ଘନିଷ୍ଠ ହେବା ପରେ ଗତ ୧୪ ତାରିଖ ସନ୍ଧ୍ୟାରେ ଯୁବତୀଙ୍କ ଘରକୁ ଯାଇଥିଲେ। ଘରେ କେହି ନ ଥିବା ସମୟରେ ଶ୍ରୀବସ୍ତ ଘର ଭିତରକୁ ପଶି ଯୁବତୀଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ। ଯୁବତୀ ଜଣକ ବିରୋଧ କରିବାରୁ ତାଙ୍କୁ ଏସିଡ୍ ମାଡ କରିବାକୁ ସମ୍ପୃକ୍ତ ଯୁବକ ଧମକ ଦେଇଥିଲେ। ଏହା ସହିତ ଅନ୍ତରଙ୍ଗ ମୁହୂର୍ତ୍ତର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବା ନେଇ ଧମକ ମଧ୍ୟ ଦେଇଥିଲେ । ପରେ ଯୁବତୀ ଜଣକ ଥାନାକୁ ଯାଇ ଏତଲା ଦେଇଥିଲେ। ପୋଲିସ ନଂ. ୮/୧୯ରେ ଏକ ମାମଲା ରୁଜୁକରି ଶ୍ରୀବସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# 'ପିଠା' କାର୍ଯ୍ୟକ୍ରମକୁ ବିରୋଧ

ରେମୁଣା,୧୯।୧(ଡି.ଏନ.ଏ.)

ରେମୁଣା ବ୍ଲକ ବିରୁଆଁ ପଞ୍ଚାୟତରେ 'ପିଠା' କାର୍ଯ୍ୟକ୍ରମ ଶନିବାର ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଗୌରୀମଣି ବେହେରାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଆସିଷ୍ଟାଣ୍ଟ ଇଞ୍ଜିନିୟର ବିଜୟ କୁମାର ନାୟକ, ବିଦ୍ୟୁତ୍ ବିଭାଗର କନିଷ୍ଠଯନ୍ତ୍ରୀ ବସନ୍ତ କୁମାର ବେହେରା, ସଞ୍ଜୟ କୁମାର ଜେନା, ଦେବେନ୍ଦ୍ର ବରାଳ, ସମିତିସଭ୍ୟ ଦିଲୀପ ଦାସ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ସଞ୍ଜୟ ମଳୁଆଳ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ପଙ୍କଜ ଧଡ଼ା, ପଞ୍ଚାୟତ ଏସ୍ଏଚ୍‌ଜିର ସଭାନେତ୍ରୀ ସ୍ୱର୍ଣ୍ଣଲତା ଦାସ, ଅଙ୍ଗନୱାଡ଼ି କର୍ମୀ ଗୀତାଞ୍ଜଳି ନାୟକ, ବିଜୟଲକ୍ଷ୍ମୀ ମିଶ୍ର ଯୋଗଦେଇ 'ପିଠା' କାର୍ଯ୍ୟକ୍ରମରେ ସରକାରଙ୍କର ବିଭିନ୍ନ ଯୋଜନା ବିଷୟରେ ବୁଝାଉଥିବା ବେଳେ ୱାର୍ଡ଼ସଭ୍ୟ ସନ୍ତୋଷ କୁମାର ରାଉତ, ରାମଚନ୍ଦ୍ର ମଳିକ, ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ବିରୋଧ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ବିଦ୍ୟୁତ୍ ବିଭାଗ ପକ୍ଷରୁ ପଞ୍ଚାୟତର ବିଭିନ୍ନ ଗ୍ରାମର ଅନେକ ବ୍ୟକ୍ତିଙ୍କ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ବେଳେ ବିଦ୍ୟୁତ୍ ବିଲ୍ ଆସୁଛି। ୫ମାସ ହେଲା ମୃତ୍ୟୁବରଣ କରିସାରିଥିବା ବ୍ୟକ୍ତିଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ପୈଠ କରାଯାଇନାହିଁ। ଏଭଳି ବିରୋଧାଭାସ ଯୋଗୁ ଏହି କାର୍ଯ୍ୟକ୍ରମ ଅଧାରୁ ତରବରିଆ ଭାବେ ବନ୍ଦ କରାଯାଇଥିଲା।

■ ଅନୁଗୋଳରେ ଯୁବ ଶିଳ୍ପ ଉଦ୍ୟୋଗୀ ମଣ୍ଡଳୀ

# ଜେଏସ୍‌ପିଏଲ୍ ଇସ୍ପାତ କାରଖାନା ପରିଦର୍ଶନ




ଅନୁଗୋଳ ଅଫିସ, ୧୯।୧

ଯୁବ ଶିଳ୍ପ ଉଦ୍ୟୋଗୀଙ୍କ ଚେନ୍ନାଇ ଶାଖାର ଏକ ପ୍ରତିନିଧି ମଣ୍ଡଳୀ ଶନିବାର ଜେଏସ୍‌ପିଏଲ୍‌ର ଅନୁଗୋଳ ସ୍ଥିତ ଇସ୍ପାତ କାରଖାନା ପରିଦର୍ଶନରେ ଆସିଥିଲେ। ଏହି ଦଳରେ ଭାରତର ୨୬ଟି ଅଗ୍ରଣୀ ଶିଳ୍ପ ଉଦ୍ୟୋଗର ଯୁବ ଶିଳ୍ପ ଉଦ୍ୟୋଗୀଙ୍କ ସହ ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ ଓ ଜେଏସ୍‌ପିଏଲ୍ ଫାଉଣ୍ଡେଶନର ସହ ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଉପସ୍ଥିତ ଥିଲେ। ପରିଦର୍ଶନକାରୀ ଦଳ ଜେଏସ୍‌ପିଏଲ୍‌ର ଇସ୍ପାତ କାରଖାନାରେ ଥିବା ବିଭିନ୍ନ ୟୁନିଟ ତଥା ଭାରତର ସର୍ବବୃହତ୍ତ ବ୍ଲାଷ୍ଟ ଫର୍ନେସ, ସିଣ୍ଟର ପ୍ଲାଣ୍ଟ, ବିଲେଟ କାଷ୍ଟର୍ସ, ଡିଆର୍‌ଇ ପ୍ଲାଣ୍ଟ, କୋଲ ଗ୍ୟାସିଫିକେସନ ପ୍ଲାଣ୍ଟ, ବାର୍ ମିଲ ପରିଦର୍ଶନ କରିଥିଲେ। ଏଥିସହ ଭାରତର ସର୍ବାଧୁନିକ ବେସିକ ଅକ୍ସିଜେନ ଫର୍ନେସ, ନିଉ ଇଲେକ୍ଟ୍ରିକ ଅକ୍ସିଜେନ ଫର୍ନେସ, ପ୍ଲେଟ ମିଲ, କୋକ ଓଭେନ ବୁଲି ଦେଖିଥିଲେ। ପ୍ରତିନିଧି ମଣ୍ଡଳୀ ଜିନ୍ଦଲ ନଗର ସ୍ଥିତ ଦେବଭୂମିରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରିଦର୍ଶନ କରିବା ସହ ଜେଏସ୍‌ପିଏଲ୍ ଫାଉଣ୍ଡେଶନ ଦ୍ୱାରା ବିକାଶ ପାଇଁ ନିଆଯାଉଥିବା ବିଭିନ୍ନ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଗୁଡ଼ିକର ପ୍ରଶଂସା କରିଥିଲେ। ଏହି ଉଦ୍ୟୋଗୀ ମଣ୍ଡଳୀ ଜେଏସ୍‌ପିଏଲ୍‌ର ବୈଷୟିକ ଜ୍ଞାନ କୌଶଳ ଓ ଏହାର ଉତ୍ପାଦନ ଗୁଡ଼ିକର ଗୁଣବତ୍ତାକୁ ମଧ୍ୟ ପ୍ରଶଂସା କରିଥିଲେ। ଦଳରେ ଏମ୍‌ଆର୍‌ଏଫ, କୋଠାରି ସୁଗର୍ସ ଆଣ୍ଡ କେମିକାଲ୍ସ, କରମେନ ଗ୍ରୁପ, ଭାରତ ମାଟ୍ରିମନି, ଇଆଇଡ଼ି ପାରି, ଶ୍ରୀବଣା ମିଲ୍ସ, ରାଜଶ୍ରୀ ଅଟୋମୋଟିଭ, ଆଇଷ୍ଟିଲ, ଶିବ୍ରୋସ, ବେଷ୍ଟ କର୍ପୋରେସନ ଲିମିଟେଡ଼, ପିପୁଲ କାପିଟାଲ, ଡ. ଅଗ୍ରୱାଲ ଆଇ ହସ୍ପିଟାଲ, ବହ୍ଲା କେମିକାଲ, ଶିବ୍ରୋସ ହୋଟେଲ, ବିବିସିଆଇ କନଷ୍ଟ୍ରକଶନ, ଶିଳ୍ପା ଆର୍କିଟେକ୍ଟସ, ଏଭିଟି ନାଚୁରାଲ ପ୍ରଡ଼କ୍ଟ, କେଜି ଗ୍ରୁପ, ଷ୍ଟେରୋ ରିଆଲିଟି, ମାରିଶ ସ୍ପିନର୍ସ ଲିମିଟେଡ଼, ଇଣ୍ଡିୟମ ସଫ୍ଟୱାର, ନିର୍ମାଣ ରିଆଲିଟି, କୁମାର ଗୁରୁ ଇନଷ୍ଟିଚ୍ୟୁସନ, ଏଆର୍ ଫାଉଣ୍ଡେସନ, ସୁମଙ୍ଗଳା ଷ୍ଟିଲ୍ସ, ରେବାର ଡିଜାଇନ ଓ ଆଇଡେନ ଗ୍ରୁପ ସାମିଲ ଥିଲେ।






## ସଂକ୍ଷେପରେ

### ଚୁଡ଼ି ପଠାଇଲା ଭାଜପା

**ଅନୁଗୋଳ ଅଫିସ, ୧୯।୧:** ଭାଜପା ପକ୍ଷରୁ ଚାଲିଥିବା ସଚେତନତା କାର୍ଯ୍ୟକ୍ରମ ଜବାବ ମାଗୁଛି ଓଡ଼ିଶା ଓ ଜବାବ ମାଗୁଛି ବେବିନା ମାଧମରେ ଶନିବାର ଅନୁଗୋଳର ବିଭିନ୍ନ ବିଧାନସଭା କ୍ଷେତ୍ରରୁ ମହିଳା ମୋର୍ଚ୍ଚାର ସଦସ୍ୟା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ନାଲିଚୁଡି ପଠାଇଛି ମହିଳା ମୋର୍ଚ୍ଚା। ଜିଲା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସଂଘମିତ୍ରା ପ୍ରଧାନ, ଜିଲା ଉପସଭାନେତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତି, ସାଧାରଣ ସମ୍ପାଦିକା ଜୟନ୍ତୀ ପ୍ରଧାନ ଓ ନୀହାର ନଳିନୀ ପ୍ରଧାନ, କୋଷାଧକ୍ଷ ସୁଚୀସ୍ମିତା ତ୍ରିପାଠୀ, ଜିଲା କମିଟି ସଦସ୍ୟା ମାଧବୀ ମହାପାତ୍ର, କଳ୍ପନା ଦଳବେହେରା, ସରିତା ମିଶ୍ର, ବିନୋଦିନୀ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ନବୀନ ନିବାସକୁ ଡାକ ଯୋଗେ ଚୁଡ଼ି ପ୍ରେରଣ କରାଯାଇଛି। ଆସନ୍ତା ୨୧ରେ ରାଜ୍ୟସ୍ତରରେ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ବଳକା ଚୁଡି ପ୍ରଦାନ କରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି।

### ସମସ୍ୟା ସମାଧାନ ଦାବିରେ ଆନ୍ଦୋଳନ ଜାରି

**କଣିହାଁ, ୧୯।୧(ଡି.ଏନ.ଏ.):** କଣିହାଁ ସ୍ଥିତ ଏନ୍‌ଟିପିସି, ଏମ୍‌ସିଏଲ, ଜେଆଇଟିପିଏଲ ସହ ଅନ୍ୟାନ୍ୟ ପ୍ରକଳ୍ପରେ ଜମି ହରାଇ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ସମସ୍ୟା ସମାଧାନ ଦାବିରେ ଗତ ୧୫ ତାରିଖରୁ ଚାଲିଥିବା ଆନ୍ଦୋଳନ ଶନିବାର ୫ମ ଦିନରେ ପହଞ୍ଚିଛି। ଜିଲା ଯୋଜନା କମିଟି ଅଧକ୍ଷ ତଥା ପାଲଲହଡ଼ା ବିଧାୟକ ମହେଶ ସାହୁଙ୍କ ନେତୃତ୍ୱରେ ଏନ୍‌ଟିପିସି ପ୍ରକଳ୍ପ ଏମ୍‌ଜିଆର୍ ନିକଟ ଆମ୍ବପାଳରେ ରେଲୱେ କ୍ରସିଂଠାରେ ରେଲରୋକୋ ଆନ୍ଦୋଳନ ଚାଲିଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁଥିବାରୁ କୋଇଲା ପରିବହନ ବାଧାପ୍ରାପ୍ତ ହେଉଛି। ଶନିବାର ବିଧାୟକ ସାହୁ ଆନ୍ଦୋଳନସ୍ଥଳରେ ଥିବାବେଳେ ପୋଲିସ ପ୍ରଶାସନ ଅଧିକାରୀ ପହଞ୍ଚି ଆଲୋଚନା କରିଥିଲେ। ହେଲେ ଯେ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତଙ୍କ ଦାବି ପୂରଣ ସହ ସମସ୍ୟାର ସମାଧାନ କରାଯାଇନାହିଁ, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ବିଧାୟକଙ୍କ ପ୍ରତିନିଧି ସୁନୀଲ ପ୍ରଧାନ, ବିଜେଡି ମିଡିଆ ସେଲର ନିର୍ମଳ ସାହୁ, ସୁବାସ ମହାନ୍ତି ପ୍ରମୁଖ ପ୍ରକାଶ କରିଛନ୍ତି।

### ରାଧାକୃଷ୍ଣ ମନ୍ଦିର, ବିଗ୍ରହ ପ୍ରତିଷ୍ଠା

**ଅନୁଗୋଳ ଅଫିସ, ୧୯।୧:** ଅନୁଗୋଳ ବ୍ଲକ ସୁସୁଡ଼ା ପଞ୍ଚାୟତ ସୋମନାଥପୁର ଶାସନ ଠାରେ ଦୋଳଗୋବିନ୍ଦ ତଥା ରାଧାକୃଷ୍ଣ ନବ ନିର୍ମିତ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ସର୍ବେଶ୍ୱର ଦାଶ, ମୁରଲୀଧର ତ୍ରିପାଠୀ, ଦିବାକର ମିଶ୍ର, ରୋହିତ କୁମାର ଦାଶ, ଉମାକାନ୍ତ ତ୍ରିପାଠୀ, ଯଜ୍ଞେଶ ପ୍ରସାଦ ତ୍ରିପାଠୀ, ଶୁଭେନ୍ଦୁ ଦାଶ, ସଞ୍ଜୀବ ଦାଶ, ବୀରେନ ମିଶ୍ର ଓ ବିପିନି ବିହାରୀ ମିଶ୍ର ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇଥିଲେ। ଗଙ୍ଗାଧର ମିଶ୍ର ଓ ପତ୍ନୀ ମନୋରମା ମିଶ୍ର, ଦିବାକର ମହାପାତ୍ର ଓ ପତ୍ନୀ ରୀନା ମହାପାତ୍ର କର୍ତ୍ତା ଦାୟିତ୍ୱ ନେଇଥିଲେ। ମନ୍ଦିର ପରିଚାଳନା କମିଟି ତଥା ଟ୍ରଷ୍ଟ ବୋର୍ଡ଼ର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ମିଶ୍ର, ଦୁର୍ଗା ପ୍ରସାଦ ମହାପାତ୍ର, ସଦସ୍ୟ ପ୍ରମୋଦ କୁମାରଙ୍କ ସମେତ ଗ୍ରାମବାସୀ, ଯୁବକ ସଂଘ ସହଯୋଗ କରିଥିଲେ।

### ଦକ୍ଷିଣକାଳୀଙ୍କ ବାର୍ଷିକ ଉତ୍ସବ ପ୍ରସ୍ତୁତି

**ତାଳଚେର,୧୯।୧(ନି.ପ୍ର.):** ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମରେ ଥିବା ମା' ଦକ୍ଷିଣକାଳୀଙ୍କ ମନ୍ଦିର ପ୍ରାଙ୍ଗଣରେ ମା'ଙ୍କ ଊନବିଂଶତି ବାର୍ଷିକ ଜନ୍ମୋତ୍ସବ ଓ ଯଜ୍ଞ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଷୀରୋଦ ସାହୁ ଏଥିରେ ଅଧକ୍ଷତା କରିଥିଲେ। ଆସନ୍ତା ୨୪ ତାରିଖରୁ ୨୬ ପର୍ଯ୍ୟନ୍ତ ଉତ୍ସବ ପାଳନ ନିମନ୍ତେ ସ୍ଥିର କରାଯାଇଥିଲା। କାର୍ଯ୍ୟସୂଚୀ ଅନୁଯାୟୀ, ୨୩ରେ କଳସ ଶୋଭାଯାତ୍ରା ସହ ଆଜ୍ଞମାଳ ଅଣାଯିବ। ୨୪ରେ ଯଜ୍ଞାରମ୍ଭ ସହ ପ୍ରବଚନ କାର୍ଯ୍ୟକ୍ରମ, ୨୫ରେ ମହାଯଜ୍ଞ ଏବଂ ୨୬ରେ ଜନ୍ମଷଷ୍ଠୀ ପୂଜନ, ପୂର୍ଣ୍ଣାହୁତି ଦିଆଯିବ। ପୂଜକ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀ, ମହେଶ ଚନ୍ଦ୍ର ପ୍ରଧାନ, ବିପିନ ସାହୁ, ଶରତ ଚନ୍ଦ୍ର ପ୍ରଧାନ, ରାଜକିଶୋର ସାହୁ, ଟିକମ ମହାନ୍ତି, ମନୋଜ ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

■ ପରିବାର ଓ ଭିଜିଲାନ୍ସ ଅଦାଳତ ଉଦ୍‌ଘାଟିତ

# 'କନିଷ୍ଠମାନେ ବରିଷ୍ଠଙ୍କଠାରୁ ଶିକ୍ଷାଲାଭ କରନ୍ତୁ'

**ଅନୁଗୋଳ ଅଫିସ, ୧୯।୧**

ଅନୁଗୋଳ ଜିଲା ନ୍ୟାୟାଳୟ ପରିସରରେ ଶନିବାର ପରିବାର ଓ ଭିଜିଲାନ୍ସ ଅଦାଲତ ଉଦ୍‌ଘାଟିତ ହୋଇଛି। ଏଥିସହ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ମଧ ଉନ୍ମୋଚନ କରାଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବିଚାରପତି ବିଶ୍ୱନାଥ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଜିଲା ଓ ଦୌରାଜଜ୍ ଅଶାନ୍ତ କୁମାର ଦାସ, ଅନୁଗୋଳ ଜିଲାପାଳ ଅନିଲ କୁମାର ସାମଲ, ଓକିଲ ସଂଘ ସଭାପତି ଦିଲୀପ କୁମାର ଦାସ, ସମ୍ପାଦକ ଜିତେନ୍ଦ୍ର ସାହୁଙ୍କ ସମେତ ବରିଷ୍ଠ ଓକିଲମାନେ ଉପସ୍ଥିତ ଥିଲେ।

ଏହି ଅବସରରେ କୋର୍ଟ ପରିସରରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଯୋଗଦେଇ ହାଇକୋର୍ଟ ବିଚାରପତି ବିଶ୍ୱନାଥ ରଥ କହିଥିଲେ ଯେ, ବହୁ କମ୍ ଦିନ ମଧ୍ୟରେ ଅନୁଗୋଳରେ ସମସ୍ତ କୋର୍ଟ ଉପଲବ୍ଧ ହୋଇଛି। ଜିଲାର ଓକିଲ ଓ ମହକିଲଙ୍କ ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି। ଜିଲାବାସୀଙ୍କୁ ଆଉ ଢେଙ୍କାନାଳ କି କଟକ ଯିବାକୁ ପଡ଼ିବନି। ଏଠାରେ ସମସ୍ତ ମାମଲାର ଫଇସଲା ହୋଇପାରିବ। ଜିଲାରେ କୋର୍ଟ ସଂଖ୍ୟା ବଢ଼ିଥିବାରୁ ବରିଷ୍ଠ ଓକିଲମାନେ ଅତିକମ୍‌ରେ ୫ ଜଣ କନିଷ୍ଠ ଓକିଲଙ୍କୁ ବାହାର କରିବା ଆବଶ୍ୟକ। ସେହିପରି କନିଷ୍ଠ ଓକିଲମାନେ ବରିଷ୍ଠଙ୍କୁ ଗୁରୁ ଭାବେ ଗ୍ରହଣ କରି ଶିକ୍ଷା ଲାଭ କରିବାକୁ ବିଚାରପତି ରଥ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲା ଓ ଦୌରା ଜଜ୍ ଅଶାନ୍ତ କୁମାର ଦାସ ଆଜିର ଦିନକୁ ଅନୁଗୋଳ କୋର୍ଟ ପାଇଁ ଏକ ଐତିହାସିକ ଦିନ ବୋଲି କହିଥିଲେ। ଓକିଲ ସଂଘ ସଭାପତି ଦାସ ସ୍ୱାଗତ ଭାଷଣ ପ୍ରଦାନ ସହ ଓଡ଼ିଶା ହାଇକୋର୍ଟ ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ। ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଚାରପତି ବିଶ୍ୱନାଥ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଜିଲା ଓ ଦୌରାଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ, ରେଜିଷ୍ଟ୍ରାର ପ୍ରଣତି ପଟ୍ଟନାୟକ, ସିନିୟର ସିଭିଲ ଜଜ୍ ଲିଲିପ୍ସା ପଶାୟତ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅଭିନନ୍ଦିତା ପଣ୍ଡା, ଏସ୍‌ଡିଜେଏମ୍ ବିନୟ କୁମାର ପାତ୍ର, ଜେଏମ୍‌ଏଫ୍‌ସି ଅରିଜିତ ଦାସ, ଅଦାଲତ ପ୍ରବନ୍ଧକ ସୁମନ କୁମାର ଆଚାର୍ଯ୍ୟ, ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ମିଶ୍ର ଓ ଅଦାଲତର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପରିବାର ଅଦାଲତର ପ୍ରଥମ ବିଚାରପତି ଭାବେ ସୌମେନ୍ଦ୍ର କୁମାର ରାଜଗୁରୁ ଓ ଭିଜିଲାନ୍ସ କୋର୍ଟର ପ୍ରଥମ ବିଚାରପତି ଭାବେ ରୂପଶ୍ରୀ ଚୌଧୁରୀ ଯୋଗଦାନ କରିଥିଲେ। ପୂର୍ତ୍ତ ବିଭାଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ ସହଯୋଗ କରିଥିଲେ।



ଅଦାଲତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।



ବାର୍ଷିକ ଉତ୍ସବ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

## ଛାତ୍ରୀଛାତ୍ରମାନେ ଦେଶ ନିର୍ମାତା

**ତାଳଚେର,୧୯।୧(ନି.ପ୍ର.)**

ତାଳଚେର ଥର୍ମାଲ ଆନନ୍ଦବଜାରସ୍ଥିତ ଗଡତଳ ଆଞ୍ଚଳିକ ମହାବିଦ୍ୟାଳୟର ୨୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗ ଦେଇ ଗୁଣାତ୍ମକ ଶିକ୍ଷା, ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଟିଟିପିଏସ୍ ଜେନେରାଲ ମ୍ୟାନେଜର ମିଥିଳେଶ ସିଂହ ଯୋଗଦେଇ କହିଲେ ଯେ, ଛାତ୍ରୀଛାତ୍ରମାନେ ପ୍ରକୃତରେ ଦେଶର ନିର୍ମାତା। ସମସ୍ତ ଛାତ୍ରୀଛାତ୍ର ଉଚିତ ଶିକ୍ଷା ଗ୍ରହଣ କରି ଦେଶ ଗଠନ ନିମନ୍ତେ ନିଜକୁ ଉତ୍ସର୍ଗ କରିବା ଆବଶ୍ୟକ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ପ୍ରଶାନ୍ତ ରଥ, ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଉଗ୍ରସେନ ବେହେରା, ପୂର୍ବତନ ସଭାପତି ବାସୁଦେବ ଦେହୁରୀ ଯୋଗ ଦେଇଥିଲେ। ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ନରେନ୍ଦ୍ର କୁମାର ପାଇକରାୟ ଅତିଥି ପରିଚୟ ଦେଇଥିଲେ। ଅଧାପିକା ବସନ୍ତ ମଞ୍ଜରୀ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଅଧାପିକା, ଅଧାପକ, କର୍ମଚାରୀ, ଛାତ୍ରୀଛାତ୍ର, ଅଭିଭାବକମାନେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଜୀବଜଗତ ଭଗବାନଙ୍କ ଅଂଶ


ସମ୍ମିଳନୀରେ ଯୋଗ ଦେଇଥିବା ସଙ୍ଗଠନର ସଦସ୍ୟମାନେ।

**ଅନୁଗୋଳ ଅଫିସ, ୧୯।୧**

ଅନୁଗୋଳ ବିଜୁ ମଇଦାନରେ ଚାଲିଥିବା ସତ୍ୟସାଇ ସଙ୍ଗଠନ ରାଜ୍ୟ ସମ୍ମିଳନୀର ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ସତ୍ୟସାଇ ବାବାଙ୍କ ଭକ୍ତ ତଥା ଶିକ୍ଷାବିତ୍ ପ୍ରଫେସର ଅନିଲ କୁମାର ଯୋଗ ଦେଇଥିଲେ। ଏହି ଅବସରରେ ସେ ଶନିବାର ପ୍ରାତଃ ସମୟରେ ତଳମୂଳ ପଞ୍ଚାୟତ ରଙ୍ଗାସିଂହା ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ଶ୍ରୀ ସତ୍ୟସାଇ ନିର୍ମଳଝରକୁ ଉଦ୍‌ଘାଟନ କରିଥିଲେ। ପୂର୍ବାହ୍ନରେ ଅନୁଗୋଳ ବାଜି ରାଉତ ଛାତ୍ରାବାସକୁ ଯାଇ ସେଠାରେ ଏକ ବୃକ୍ଷରୋପଣ କରି ମହାତ୍ମା ଗାନ୍ଧୀ ଉଦ୍ୟାନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ।

ସମ୍ମିଳନୀରେ ହରେକୃଷ୍ଣ ଦାଶ ଓ ପି.ଜଗନ୍ନାଥ ରାଓ ଯୋଗଦେଇ କହିଥିଲେ ଯେ, ସମସ୍ତ ଜୀବଜଗତକୁ ଭଗବାନଙ୍କ ଅଂଶ ଭାବି ଭଲ ପାଇଲେ ଈଶ୍ୱର ପ୍ରାପ୍ତିର ମାର୍ଗ ସହଜ ହୋଇଯିବ। ଈଶ୍ୱର ଅନେକ ନୁହେଁ ଏକ ଅଟନ୍ତି। ଏହା ହିଁ ସତ୍ୟ। ଏହି ସମ୍ମିଳନୀରେ ସଙ୍ଗଠନର ବୈଷୟିକ ପରିଚାଳନାର ମାର୍ଗ ଓ ସଙ୍ଗଠନର ବିଭିନ୍ନ ନିୟମ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିସହ ବାଳବିକାଶ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ସମ୍ମିଳନୀର ସଭାଗୃହକୁ ପ୍ରଶାନ୍ତି ନିଳୟମ ସ୍ଥିତ ସତ୍ୟସାଇ ଆଶ୍ରମ କଲ୍ପବନ୍ତ ହଲ ଢାଞ୍ଚାରେ ସୁସଜ୍ଜିତ କରାଯାଇଛି।

## ଶିଶୁମନ୍ଦିରର ବାର୍ଷିକ ଉତ୍ସବ

**ଓଡ଼ାପଡ଼ା, ୧୮।୧(ଡି.ଏନ.ଏ.)**

ଓଡ଼ାପଡ଼ା ସଙ୍କୁଳ ଅଧୀନ ନିମବାହାଲି ସରସ୍ୱତୀ ଶିଶୁମନ୍ଦିରର ୬ଷ୍ଠ ବାର୍ଷିକ ଉତ୍ସବ ସମାରୋହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଡାକ୍ତର କୁମାର ଗୌରବ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

ଓଷ୍ଟାର ଉପସଭାପତି ସରୋଜ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ ନାୟକ, ବ୍ରଜକିଶୋର ମହାପାତ୍ର, ତର୍କାବେଡା ଗ୍ରାମ ସଭାପତି ଶତ୍ରୁଘ୍ନ ପ୍ରଧାନ, ବିଦ୍ୟାଳୟ ସଭାପତି ବିଜୟ କୁମାର ଜେନା, ସମ୍ପାଦକ ରବି ନାରାୟଣ ସାହୁ, ସାମାଜିକକର୍ମୀ ଯଶୋବନ୍ତ ରଣଜିତ ରାୟ ପ୍ରମୁଖ ମଞ୍ଚାସୀନ ଥିଲେ।

ପ୍ରଧାନ ଆଚାର୍ଯ୍ୟା ରଞ୍ଜିତା ସାହୁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଗୁରୁଜୀ ସିପୁନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଅତ୍ୟାଧୁନିକ ଶୌଚାଳୟ ଉଦ୍‌ଘାଟିତ


କଲେଜ ଶୌଚାଳୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧିଙ୍କ ସହ ଅନ୍ୟମାନେ।

**ଅନୁଗୋଳ ଅଫିସ, ୧୯।୧**

ଅନୁଗୋଳ ଜିଲା ବନ୍ତଲା ଅଞ୍ଚଳରେ ଥିବା ଶ୍ରୀ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଅତ୍ୟାଧୁନିକ ଶୌଚାଳୟ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀଙ୍କ ପ୍ରସ୍ତାବ ଅନୁଯାୟୀ ନାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଏଥିପାଇଁ ୫ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପିଙ୍କ ଜିଲା ପ୍ରତିନିଧି ଭକ୍ତି ପ୍ରସାଦ ଦାସ ଯୋଗଦେଇଥିଲେ। ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଆଲୋଚନା ବେଳେ ଆଉ ଏକ ଶୌଚାଳୟ ପାଇଁ ଯୁକ୍ତ ୩ ଛାତ୍ରୀଛାତ୍ରମାନେ ଦାବି କରିଥିଲେ। ଏ ସମ୍ପର୍କରେ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରତିନିଧି ଦାସ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମ ପରେ ଏମ୍‌ପିଙ୍କ ଜିଲା ପ୍ରତିନିଧିଙ୍କୁ ଭେଟି ହିଡିସିଙ୍ଗ ମଧମ ଜଳସେଚନ ପ୍ରକଳ୍ପ ସମ୍ପର୍କରେ କୃଷକ ସଂଘ ସଭାପତି ଦୀନେଶ ଦେହୁରୀ, ସମ୍ପାଦକ ତ୍ରିନାଥ ସାହୁ, କୋଷାଧକ୍ଷ ଦୈତାରୀ ସାହୁ, ଉପଦେଷ୍ଟା ତ୍ରିନାଥ ସାହୁ ପ୍ରମୁଖ ଆଲୋଚନା କରିଥିଲେ। ଏ ନେଇ ଏମ୍‌ପିଙ୍କୁ ଅବଗତ କରିବେ ବୋଲି ଦାସ ପ୍ରତିଶ୍ରୁତି ଦେଇଥିଲେ। ବିଭୂତି ଭୂଷଣ ସାହୁ, ଯୁବନେତା ମାନସ ରଞ୍ଜନ ଦେହୁରୀ, ବିଜୁ ସାହୁ, ବସନ୍ତ ପ୍ରଧାନ, ସୁଶିତ ସାହୁ, ବଳରାମ ଜେନା, ଦୁର୍ଲ୍ଲଭ ବିଶ୍ୱାଳ, ସଞ୍ଜୟ ସାହୁ, ସରୋଜ ବେହେରା, ଅଲିଭା ସାହୁ, ଅନ୍ତର୍ଯ୍ୟାମୀ ପ୍ରଧାନ, ଗଣେଶ୍ୱର ସାହୁ, ମୃତ୍ୟୁଞ୍ଜୟ ସାହୁଙ୍କ ସମେତ ମହାବିଦ୍ୟାଳୟର ଅଧାପିକା, ଅଧାପିକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଅନୁଗୋଳ ମହିଳା କଂଗ୍ରେସର ବିକ୍ଷୋଭ



କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି।

**ଅନୁଗୋଳ ଅଫିସ, ୧୯।୧**

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଓ ମହିଳା କଂଗ୍ରେସ କମିଟି ଆହ୍ୱାନରେ ଅନୁଗୋଳ ମହିଳା କଂଗ୍ରେସ ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଦାରିଙ୍ଗିବାଡ଼ିର ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ସନ୍ତାନ ପ୍ରସବ ଘଟଣା ଓ ପରେ ନବଜାତ ଶିଶୁର ମୃତ୍ୟୁ ଓଡ଼ିଶା ପାଇଁ କଳଙ୍କିତ ଅଧ୍ୟାୟ ବୋଲି ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରତିମା ମଲ୍ଲିକ କହିଥିଲେ। ଅନୁଗୋଳ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତାରାଣୀ ଧରଙ୍କ ସହ ପୂର୍ବତନ ବ୍ଲକ ଅଧକ୍ଷ ବଂଶୀଧର ପ୍ରଧାନ, ଜିଲା କଂଗ୍ରେସ କମିଟି ଉପସଭାପତି ବିରଞ୍ଚି ନାରାୟଣ ଧର, ଉତ୍ତମ ପ୍ରସାଦ ସାହୁ, ଚିତ୍ତରଞ୍ଜନ ନାଏକ, ତପନ ପ୍ରଧାନ, ନୀଳକମଳ ସେଠୀ, ଅଳକାରାଣୀ ମହାପାତ୍ର, ଶୋଭାଗିନୀ ଗଡ଼ନାୟକ, ରୁବିନା ସାହୁ, ଲକ୍ଷ୍ମୀ ସାହାଣୀ ପ୍ରମୁଖ ବହୁ କର୍ମୀ ଯୋଗଦେଇଥିଲେ। ଏହି ଘଟଣାରେ ବିଭାଗୀୟ ସଚିବଙ୍କୁ ନିଲମ୍ବିତ କରା ନ ଗଲେ ଆଗାମୀ ଦିନରେ ବିଧାନସଭା ଘେରାଉ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।

■ ଭୋଟର ତାଲିକା ସଂଶୋଧନ ସମୀକ୍ଷା

## ରେକର୍ଡଭୁକ୍ତ କରି ରଖିବାକୁ ପରାମର୍ଶ

**ଅନୁଗୋଳ ଅଫିସ, ୧୯।୧**

ଅନୁଗୋଳ ଜିଲାରେ ଚାଲିଥିବା ଭୋଟର ତାଲିକା ସଂଶୋଧନ କାର୍ଯ୍ୟର ସମୀକ୍ଷା କରିଛନ୍ତି ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଅତିରିକ୍ତ କମିଶନର ଧୀରେନ କୁମାର ପଟ୍ଟନାୟକ। ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ପର୍ଯ୍ୟବେକ୍ଷକ ପଟ୍ଟନାୟକ ଭୋଟର ତାଲିକାରେ ନାମ ଯୋଗ କରିବା, ବାଦ ଦେବା ଓ ସଂଶୋଧନ ଉପରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ଏଥିସହ ଅନୁଗୋଳର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀର ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ଭୋଟର ତାଲିକାର ଚିହ୍ନିତ କପି ଓ ରେଜିଷ୍ଟରଗୁଡ଼ିକୁ ଯାଞ୍ଚ କରିଥିଲେ। ସମସ୍ତ ସଂଶୋଧନ ସଂକ୍ରାନ୍ତୀୟ କାର୍ଯ୍ୟକୁ ରେକର୍ଡଭୁକ୍ତ କରି ରଖିବା ପାଇଁ ସେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ୨୦୧୯ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ମଧ ସମୀକ୍ଷା କରିଥିଲେ। କେହି ଜଣେ ମତଦାତା ଯେପରି ମତଦାନରୁ ବାଦ୍ ନ ପଡ଼ନ୍ତି ସେଥିପାଇଁ ବିଶେଷ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଆସନ୍ତା ୨୫ ତାରିଖରେ ପାଳନ ହେବାକୁ ଥିବା ଜାତୀୟ ମତଦାତା ଦିବସ ପ୍ରସ୍ତୁତି ସମ୍ପର୍କରେ ସେ ସମୀକ୍ଷା କରିବା ସହ ନୂତନ ଭୋଟରମାନଙ୍କୁ ପରିଚୟ ପତ୍ର ପ୍ରଦାନ ଓ ସେମାନଙ୍କୁ ସମ୍ବର୍ଦ୍ଧିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ, ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ଡେପୁଟି କଲେକ୍ଟର ବୈତୁରା ଦୀପ, ଆସିଷ୍ଟାଣ୍ଟ କଲେକ୍ଟର ଲମ୍ବୋଦର ମାରାଣ୍ଡି ଓ ବିବେକାନନ୍ଦ ସାହୁଙ୍କ ସମେତ ସମସ୍ତ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥ୍‌ସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।


ସମୀକ୍ଷା ବୈଠକରେ ପ୍ରଶାସନିକ ଅଧିକାରୀମାନେ।

## ଦୟନୀୟ ଅବସ୍ଥାରେ ନବୋଦୟ ସ୍କୁଲ ରାସ୍ତା

**ବନ୍ତଲା, ୧୯।୧ (ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଲା ଥାନା ବଡ଼କେରା ପଞ୍ଚାୟତ ଚମ୍ପତିମୁଣ୍ଡାଠାରେ ଥିବା ନବୋଦୟ ବିଦ୍ୟାଳୟର ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି। ଜିଲାର ବିଭିନ୍ନ ପ୍ରାନ୍ତରୁ ଏଠାରେ ୪୮୬ ଛାତ୍ରୀଛାତ୍ର ରହି ପାଠ ପଢୁଛନ୍ତି। ୬୦ ଜଣ କର୍ମଚାରୀ ମଧ ରହୁଛନ୍ତି। ଦୈନିକ ବହୁ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ଦେଖିବାକୁ ବିଦ୍ୟାଳୟକୁ ଆସିଥାନ୍ତି। କିନ୍ତୁ ରାସ୍ତା ଅବସ୍ଥା ଖରାପ ଯୋଗୁ ଅଭିଭାବକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏ ବିଷୟରେ ନବୋଦୟ ବିଦ୍ୟାଳୟ ଅଧକ୍ଷ ରୁଦ୍ର ପ୍ରସାଦ ସାହୁ କୁହନ୍ତି, ପକ୍କାରାସ୍ତା ନିର୍ମାଣ ପାଇଁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଚେୟାରମ୍ୟାନ ତଥା ଜିଲାପାଳଙ୍କୁ ଚିଠି କରାଯାଇଛି। ଜିଲାପାଳ ସହମତି ପ୍ରକାଶ କରିବା ସହିତ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଏଥିପାଇଁ ଦାୟିତ୍ୱ ଦେଇଛନ୍ତି। ତୁରନ୍ତ କାର୍ଯ୍ୟ କରିବା ପାଇଁ ପୁନର୍ବାର ଚେୟାରମ୍ୟାନଙ୍କୁ ଚିଠି କରାଯିବ ବୋଲି ଅଧକ୍ଷ ପ୍ରକାଶ କରିଛନ୍ତି।


ଧରିତ୍ରୀର ଢେଙ୍କାନାଳ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଲ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୬୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଥଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

# ବୋର୍ଡ ଏକାଦଶ ଦଳରେ ରାଜେଶ

**କଟକ ଅଫିସ,୧୯।୧**

ପପୁରାୟଙ୍କପରେଆଉଜଣେଓଡ଼ିଆଯୁବକ୍ରିକେଟପ୍ରତିଭା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବୋର୍ଡ ସଭାପତି ଏକାଦଶ ଦଳରେ ସ୍ଥାନ ପାଇଛନ୍ତି । ଭାରତ ଗସ୍ତରେ ଆସିଥିବା ଇଂଲଣ୍ଡ ଲାୟନ୍ସ ବିପକ୍ଷ ଏକ ୨ ଦିନିଆ ୱାର୍ମଅପ ମ୍ୟାଚ୍ ପାଇଁ ଡାହାଣହାତୀ ପେସ ବୋଲର ରାଜେଶ ମହାନ୍ତିଙ୍କୁ ଚୂଡ଼ାନ୍ତ ୧୫ ଜଣିଆ ଦଳରେ ସାମିଲ କରାଯାଇଛି। ପୂର୍ବରୁ ଓଡ଼ିଶା ସ୍ପିନର ପପୁ ରାୟ ଦଳରେ ସ୍ଥାନ ପାଇଛନ୍ତି।

ଡାହାଣହାତୀ ପେସ ବୋଲର ରାଜେଶଙ୍କର ଚଳିତ ରଣଜୀ ସିଜନରେ ଓଡ଼ିଶା ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ ହୋଇଥିଲା। ୮ଟି ମ୍ୟାଚ୍ ଖେଳିଥିବା ରାଜେଶ ୪୦ଟି ଉଇକେଟ ହାସଲ କରିଥିଲେ। ଆସାମ ବିପକ୍ଷ ମ୍ୟାଚରେ ରାଜେଶ କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରିଥିଲେ। ପ୍ରଥମ ଇନିଂସ୍‌ରେ ୩୧ରନ ଦେଇ ୫ଟି ଓ ଦ୍ୱିତୀୟ ଇନିଂସରେ ୫୫ରନ୍ ଦେଇ ୬ଟି ଉଇକେଟ ଅକ୍ତିଆର କରିବା ସହ ଗୋଟିଏ ମ୍ୟାଚ୍‌ରେ ମୋଟ ୧୧ଟି ଉଇକେଟ ରାଜେଶ ଦଖଲ କରିଥିଲେ । ବାଲାଂଦେଶର ଢ଼ାକା ଠାରେ ଗତ ସେପ୍ଟେମ୍ବରରେ ଖେଳାଯାଇଥିବା ୧୯ବର୍ଷରୁ ଏସିଆ କପରେ ମଧ ରାଜେଶ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ । ପିତା କିଶୋରଚନ୍ଦ୍ର ମହାନ୍ତି ଓ ମାମନୋରମା ମହାନ୍ତିଙ୍କ ପୁତ୍ର ରାଜେଶଙ୍କ ଘର ନୟାଗଡ଼ ଜିଲା ତୁଳସୀପୁର ଅଞ୍ଚଳରେ । ଟେନିସ ବଲ କ୍ରିକେଟ ଖେଳୁଖେଳୁ ଏବେ ରାଜ୍ୟର ଆଗଧାଡ଼ିର ପେସ ବୋଲର ଭାବେ ପରିଗଣିତ ହେଲେଣି ରାଜେଶ । ଭୁବନେଶ୍ୱରେ ହେଉଥିବା ଏକ ଘରୋଇ ଟୁର୍ନାମେଣ୍ଟ ଖେଳିବାକୁ ଆସିଥିବା ବେଳେ ରାଜ୍ୟର ପୂର୍ବତନ କ୍ରିକେଟର ଦୀପକ ମଙ୍ଗରାଜଙ୍କ ନଜରକୁ ସେ ଆସିଥିଲେ । ପରେ ରାମେଶ୍ୱର ସ୍ପୋର୍ଟିଂରେ ଯୋଗ ଦେଇ ଅଭ୍ୟାସ କରିବା ସହ ରାଜ୍ୟ ୧୯ବର୍ଷରୁ କମ ଦଳରେ ସ୍ଥାନ ପାଇଥିଲେ। କୁଚବିହାର ଟ୍ରଫି ୨୦୧୭-୧୮ ସିଜନରେ ରାଜେଶ ୪ଟି ମ୍ୟାଚ ଖେଳି ମୋଟ୍ ୧୧ଟି ଉଇକେଟ ଦଖଲ କରିଥିଲେ। ଏହା ପରେ ରାଜେଶଙ୍କର ଓଡ଼ିଶା କ୍ରିକେଟରେ ଯାତ୍ରା ଜାରି ରହିଛି । ଇଂଲଣ୍ଡ ଲାୟନ୍ସ ବିପକ୍ଷ ମ୍ୟାଚରେ ଭଲ ପ୍ରଦର୍ଶନ କରିବାକୁ ନିଶ୍ଚିତ ଭାବେ ଚେଷ୍ଟା କରିବି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।



**ବୋର୍ଡ ସଭାପତି ଏକାଦଶ ଦଳ**

**ଈଶାନ କିଶନ(ଅଧିନାୟକ), ଅକ୍ଷତ ରେଡ୍ଡୀ, ଧ୍ରୁବ ଶୋରେ, ରିକି ଭୁଇ, ସିଦ୍ଧେଶ ଲାଡ୍, ରିଙ୍କୁ ସିଂ, ପ୍ରିୟମ ଗର୍ଗ, ସୌରଭ କୁମାର, ରାହୁଲ ଚହର, ଜୟନ୍ତ ଯାଦବ, ଅନିକେତ ଚୌଧାରୀ, ଅଙ୍କିତ୍ ରାଜପୁତ, ରାଜେଶ ମହାନ୍ତି।**

## ଫାଇନାଲରେ ସମ୍ବଲପୁର ଏମ୍‌ସିସି

**ପବିତ୍ରନଗର, ୧୯।୧(ଡି.ଏନ.ଏ.)**

କଣିହାଁ ବ୍ଲକ ପବିତ୍ରନଗରଠାରେ ଚାଲିଥିବା ପବିତ୍ରନଗର କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକର ୟୁନିୟନ ସ୍ପୋର୍ଟିଂକୁ ହରାଇ ସମ୍ବଲପୁରର ଏମ୍‌ସିସି ଟିମ୍ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ସମ୍ବଲପୁର ବ୍ୟାଟିଂ କରି ୧୯୭ ରନ୍ କରିଥିଲା। ଜବବରେ କଟକ ୧୮୫ ରନ୍ କରି ପରାଜିତ ହୋଇଥିଲା। ବିଜୟୀ ଦଳର ୱାଲ୍ଟର ଟୋପୋ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସବ୍ୟସାଚୀ ଶାହା ଓ ରମେଶ ମହାରଣା ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଜିତେନ୍ଦ୍ର ବିଶ୍ୱାଳ, ଲିପୁନ ପ୍ରଧାନ, ସୁବାସ ବେହେରା ପ୍ରମୁଖ ସହଯୋଗ କରିଥିଲେ। ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ଯୁକ୍ତ ୨ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରଣବ କିଶୋର ଗଡନାୟକ, କ୍ରୀଡ଼ା ଶିକ୍ଷକ ପ୍ରଣବ କିଶୋର ଗଡନାୟକ, କ୍ଲବ ସଭାପତି ଶାନ୍ତନୁ ମଲ୍ଲିକ, ସମ୍ପାଦକ ଦୁଷ୍ମନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ପଦାର୍ପଣ ମ୍ୟାଚ୍ ଜିତିଲେ ବିକାଶ

**ନୂଆଦିଲ୍ଲୀ,୧୯।୧(ପି.ଟି.):** ଭାରତୀୟ ବକ୍ସର ବିକାଶ କ୍ରିଷ୍ଣନ ବିଜୟ ସହ ପେସାଦାର ବକ୍ସିଂରେ କ୍ୟାରିୟର ଆରମ୍ଭ କରିଛନ୍ତି। ଶୁକ୍ରବାର ନ୍ୟୁୟର୍କଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ଆମେରିକା ବକ୍ସର ଷ୍ଟିଭେନ ଆଣ୍ଡ୍ରେଡ୍‌ଙ୍କୁ ହରାଇ ଦେଇଛନ୍ତି। କିମ୍ବଦନ୍ତୀ ବକ୍ସର ବବ ଆରୁମଙ୍କ ପ୍ରମୋଶନ କମ୍ପାନୀ ପକ୍ଷରୁ ଆୟୋଜିତ ୬ ବାଉଟ ବିଶିଷ୍ଟ ସୁପର ୱେଲ୍ଟର ୱେଟ୍ ମୁକାବିଲାକୁ ବିକାଶ ଦ୍ୱିତୀୟ ରାଉଣ୍ଡରେ ଜିତି ନେଇଛନ୍ତି। ପେସାଦାର ବକ୍ସିଂରେ ପ୍ରତିପକ୍ଷ ଷ୍ଟିଭେନଙ୍କ ଏହା କ୍ରମାଗତ ୪ର୍ଥ ପରାଜୟ।

### ରାଜ୍ୟ ପୋଲିସ ଆଥ୍‌ଲଟିକ ଚାମ୍ପିୟନଶିପ ଉଦ୍‌ଯାପିତ

## ରାଉରକେଲା, କମିଶନରେଟ ପୋଲିସ-ଏ ଚାମ୍ପିୟନ

**କଟକ ଅଫିସ,୧୯।୧**

ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଚାଲିଥିବା ୭୧ତମ ରାଜ୍ୟ ପୋଲିସ ଆଥଲେଟିକ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ବର୍ଗରେ ରାଉରକେଲା ଓଏସ୍‌ଏପି ୪ର୍ଥ ବାଟାଲିୟନ ଦଳଗତ ଚାମ୍ପିୟନ ହୋଇଥିବା ବେଳେ କଟକ ଓଏସଏପି ୬ଷ୍ଠ ବାଟାଲିୟନ ରନର୍ସଅପ ହୋଇଥିଲା । ମହିଳା ବର୍ଗରେ ଦଳଗତ ଚାମ୍ପିୟନ ହୋଇଛି କମିଶନରେଟ ପୋଲି-ଏ ଦଳ । ଏହି ବର୍ଗରେ ଭୁବନେଶ୍ୱର ଓଆଇଏସ୍‌ଏଫ୍ ରନର୍ସଅପ ହୋଇଥିଲା । ରାଉରକେଲା ଓଏସ୍‌ଏପି ୪ର୍ଥ ବାଟାଲିୟନର ଆଶୁତୋଷ କୁମାର ଶ୍ରେଷ୍ଠ ପୁରୁଷ ଆଥ୍‌ଲେଟ ଓ କମିଶନରେଟ ପୋଲିସ-ଏର ବନିତା ଲାକ୍ରା ଶ୍ରେଷ୍ଠ ମହିଳା ଆଥଲେଟ ଭାବେ ପୁରସ୍କୃତ ହୋଇଛନ୍ତି । ଏହି ଅବସରରେ ଓଡ଼ିଶା ପୋଲିସ ପାଇଁ ଗୌରବ ଆଣିଥିବା କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଏମାନେ ହେଲେ ଏସ୍‌ଓଜି ଚନ୍ଦକାର ହାବିଲଦାର ଯୋଗରାଜ ଥାପ୍ପା, ଓଆଇଏସଏଫ କନଷ୍ଟେବଳ ବର୍ଷା ନାଥ, ଝାରସୁଗୁଡ଼ା ଓଏସ୍‌ଏପି ୨ୟ ବାଟାଲିୟନ ସିପାହି ବିକ୍ରମ ଗାର୍ତ୍ତି ମଗର, ପୁରୀ ଜିଲା କନଷ୍ଟେବଳ ସୀତାକାନ୍ତ ଓଝା, ରମାକାନ୍ତ ଓଝା, କଟକ ଜିଲା କନଷ୍ଟେବଳ ସଂଯୁକ୍ତା ଡୁଙ୍ଗଡୁଙ୍ଗ, କଟକ ସହରାଞ୍ଚଳ କନଷ୍ଟେବଳ ମଞ୍ଜୁଳା ଖେସ୍ । ପୋଲିସ ଅଧିକାରୀଙ୍କ ମଧ୍ୟରେ ଅନୁଷ୍ଠିତ ୧୦୦ମିଟର ଦୌଡ଼ରେ କୋରାପୁଟର କେ.ଭି ସିଂ ପ୍ରଥମ, କଳାହାଣ୍ଡି ଏସ୍‌ପି ବାଟୁଲା ଗଙ୍ଗାଧର ଦ୍ୱିତୀୟ ଓ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ୩ୟ ସ୍ଥାନ ହାସଲ କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଡଃ ରାଜେନ୍ଦ୍ର ପ୍ରସାଦ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଭିବାଦନ ଗ୍ରହଣ କରିଥିଲେ । ଉତ୍କର୍ଷତା ବଜାୟ ରଖି ଆଗାମୀ ଦିନରେ ଓଡ଼ିଶା ପୋଲିସର ନାମକୁ ଉଜ୍ଜ୍ୱଳ କରିବାକୁ ଶର୍ମା କହିଥିଲେ। କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ କଟକ ଡିସିପି ଅଖିଳେଶ୍ୱର ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିଯୋଗିତା ପରିଚାଳନା କମିଟି ଉପାଧ୍ୟକ୍ଷ ବିନୟତୋଷ ମିଶ୍ର ଉପସ୍ଥିତ ଥିଲେ।

## ସୌଧରଞ୍ଜନ, ସରସ୍ୱତୀ ଚାମ୍ପିୟନ

**ଢେଙ୍କାନାଳ ଅଫିସ, ୧୯।୧**

ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ସପ୍ତଶଯ୍ୟା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସରପଞ୍ଚ ଯେଶସ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ବାଳିକା ବିଭାଗରେ ସରସ୍ୱତୀ ଦେହୁରୀ ଏବଂ ବାଳକ ବିଭାଗରେ ସୌଧରଞ୍ଜନ ସାହୁ ଚାମ୍ପିୟନ ହୋଇଛନ୍ତି। ପ୍ରଧାନଶିକ୍ଷକ ରବି ନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଉମାକାନ୍ତ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ଲମ୍ବୋଦର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ପ୍ରତାପ ଶତପଥୀ, ସୁଧାଂଶୁ ମୋହନ ଦାସ, ସୁରେଶ ପ୍ରଧାନ, ରତ୍ନାକର ଗୋଛି ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ଉମେଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।



ବାର୍ଷିକ କ୍ରୀଡ଼ାରେ ଉପସ୍ଥିତ ଅତିଥି, ଅଭିଭାବକଙ୍କ ସମେତ ଅନ୍ୟମାନେ ।

## କେସିଏସଏ କ୍ରିକେଟ: ଟାଉନ୍ କ୍ଲବ ଚାମ୍ପିୟନ

**ଭୁବନେଶ୍ୱର, ୧୯।୧(ସ୍ପୋର୍ଟ୍ସ ବ୍ୟୁରୋ):** ଖରିଆରରେ ଅନୁଷ୍ଠିତ କେସିଏସଏ କ୍ରିକେଟ ଟୁର୍ନାମେଣ୍ଟରେ ଭୁବନେଶ୍ୱରର ଟାଉନ୍ କ୍ଲବ ଚାମ୍ପିୟନ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲରେ ଟାଉନ୍ କ୍ଲବ ୯୨ ରନରେ ପାଟଣାଗଡ଼କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଟାଉନ୍ କ୍ଲବ ୧୯.୫ ଓଭରରେ ୧୯୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଦୀପକ ମାଝି ୧୮ ବଲ୍‌ରୁ ଦ୍ରୁତ ୪୮, ବିଶାଳ କର ୧୯ ବଲ୍‌ରୁ ୪୩, ଗିରିଜା ମିଶ୍ର ୨୪ ବଲ୍‌ରୁ ୪୩ ରନ ସ୍କୋର କରିଥିଲେ। ପ୍ରତିପକ୍ଷ ଦଳର ସତ୍ୟଜିତ ୪ ଏବଂ ସାଗର ୨ଟି ଉଇକେଟ ନେଇଥିଲେ। ୧୯୨ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ପାଟଣାଗଡ଼ ୧୯.୨ ଓଭରରେ ୯୯ ରନ କରି ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ରାହୁଲ ସର୍ବାଧିକ ୩୮ ରନ କରିବାକୁ ସକ୍ଷମ ହୋଇଥିଲେ। ଟାଉନ୍ କ୍ଲବ ପକ୍ଷରୁ ବିଶାଳ କର ୧୫ ରନ ବିନିମୟରେ ୪ଟି, ମାନସ ଦାସ ୨ଟି ଏବଂ ସୁମନ ମହାରଣା, ସୁଶୀଲ ବାରିକ, ଦୀପକ ମାଝି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଚାମ୍ପିୟନ ଦଳର ବିଶାଳ କର ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଓ ବୋଲର ପୁରସ୍କାର ପାଇଥିଲେ। ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ ଦୀପକ ମାଝି। ଚାମ୍ପିୟନ ଟାଉନ୍ କ୍ଲବକୁ ଟ୍ରଫି ସହ ୩୧,୦୦୦ ଓ ରନର୍ସଅପ୍ ପାଟଣାଗଡ଼ ଦଳକୁ ୨୧,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା।

## ଭାରତ ଏ'ର ନେତୃତ୍ୱ ନେବେ ରାହାନେ

**ନୂଆଦିଲ୍ଲୀ, ୧୯।୧ (ପି.ଟି.)**

ଜାନୁୟାରୀ ୨୩ରୁ ଆରମ୍ଭ ହେବାକୁଥିବା ଇଂଲଣ୍ଡ ଲାୟନ୍ସ ବିପକ୍ଷ ଘରୋଇ ସିରିଜର ପ୍ରଥମ ତିନୋଟି ମ୍ୟାଚ୍ ପାଇଁ ଅଜିଙ୍କ୍ୟ ରାହାନେଙ୍କୁ ଭାରତ ଏ' କ୍ରିକେଟ ଦଳର ଅଧିନାୟକ ଭାବେ ମନୋନୀତ କରାଯାଇଛି। ଶେଷ ଦୁଇଟି ମ୍ୟାଚରେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଖେଳିବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସିନିୟର ସିଲେକ୍ସନ କମିଟି ବୈଠକରେ ଲାୟନ୍ସ ଦଳ ବିପକ୍ଷ ୫ ଦିନିକିଆ ପାଇଁ ଘୋଷଣା କରାଯାଇଥିଲା। ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜରୁ ଭାରତୀୟ ଦଳରୁ ପନ୍ତ ବାଦ୍ ପଡ଼ିଥିଲେ। କିନ୍ତୁ ଟେଷ୍ଟ ସିରିଜରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଆସନ୍ତା ବିଶ୍ୱକପ୍ ପାଇଁ ସେ ଚୟନକର୍ତ୍ତାଙ୍କ ନଜରରେ ରହିଛନ୍ତି। ଏହି ହାର୍ଡ ହିଟିଂ ବ୍ୟାଟ୍ସମ୍ୟାନ ନ୍ୟୁଜିଲାଣ୍ଡ ଗସ୍ତ କରିବା ପୂର୍ବରୁ ଜାନୁୟାରୀ ୨୯ ଓ ୩୧ରେ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଦୁଇଟି ମ୍ୟାଚ ଖେଳିବେ। ନ୍ୟୁଜିଲାଣ୍ଡରେ ଭାରତୀୟ ଦଳ ଫେବୃୟାରୀ ୬ରୁ ଅନ୍ତର୍ଜାତୀୟ ଟି୨୦ ସିରିଜ ଖେଳିବା କାର୍ଯ୍ୟକ୍ରମ ରହିଛି। ଅଭ୍ୟାସ ପାଇଁ ଟେଷ୍ଟ ଉପଅଧିନାୟକ ଅଜିଙ୍କ୍ୟ ରାହାନେଙ୍କୁ ପ୍ରଥମ ୩ ଦିନିକିଆ ପାଇଁ ଭାରତ ଏ' ଦଳରେ ସାମିଲ କରାଯାଇଛି। ଶ୍ରେୟାସ ଆୟାର ଓ ଶାର୍ଦ୍ଦୁଳ ଠାକୁରଙ୍କ ସମେତ ଅଷ୍ଟ୍ରେଲିଆରେ ଐତିହାସିକ ଟେଷ୍ଟ ସିରିଜ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିବା ହନୁମା ବିହାରୀଙ୍କ ଆକ୍ସନ ମଧ ଦେଖିବାକୁ ମିଳିବ। ମହାରାଷ୍ଟ୍ର ବ୍ୟାଟ୍ସମ୍ୟାନ ଅଙ୍କିତ ବାଓନେ ଶେଷ ଦୁଇଟି ଗେମ୍‌ରେ ଅଧିନାୟକତ୍ୱ କରିବେ। ତାଙ୍କୁ ଆହୁରି ମଧ ଜାନୁୟାରୀ ୨୦ରେ ଖେଳାଯିବାକୁଥିବା ଇଂଲଣ୍ଡ ଲାୟନ୍ସ ବିପକ୍ଷ ଏକ ୱାର୍ମଅପ୍ ମ୍ୟାଚ ପାଇଁ ବୋର୍ଡ ସଭାପତି ଏକାଦଶରେ ସାମିଲ କରାଯାଇଛି। ପନ୍ତଙ୍କ ବ୍ୟତୀତ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜ ପୂର୍ବରୁ କ୍ରୁନାଲ ପାଣ୍ଡ୍ୟାଙ୍କୁ ମଧ ଇଂଲଣ୍ଡ ଲାୟନ୍ସ ବିପକ୍ଷ ମ୍ୟାଚରେ ଖେଳିବାକୁ ହେବ। ଘରୋଇ କ୍ରିକେଟ ପ୍ରଦର୍ଶନକୁ ଭିତ୍ତିକରି ଦଳ ମନୋନୟନ କରାଯାଇଛି। ଅନ୍ୟପକ୍ଷରେ ଚୟନକର୍ତ୍ତାମାନେ ଘରୋଇ କ୍ରିକେଟର ଗୁରୁତ୍ୱ ଦୃଷ୍ଟିରୁ ରଣଜୀ ଟ୍ରଫି ସେମିଫାଇନାଲକୁ ଉନ୍ନୀତ ହୋଇଥିବା ୪ଟି ଦଳରୁ କୌଣସି ଖେଳାଳିଙ୍କୁ ମନୋନୟନ ବେଳେ ବିଚାରକୁ ନେଇ ନାହାନ୍ତି। କେରଳ, ସୌରାଷ୍ଟ୍ର, କର୍ଣ୍ଣାଟକ ଓ ବିଦର୍ଭ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୫ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଜାନୁୟାରୀ ୨୩ରୁ ଥିରୁଭାନନ୍ତପୁରମସ୍ଥିତ ଗ୍ରୀନ୍‌ଫିଲ୍ଡ ଷ୍ଟାଡିୟମରେ ଆରମ୍ଭ ହେବ। ସେହିପରି ଦୁଇଟି ୪ଦିନିଆ ମ୍ୟାଚ ଫେବୃୟାରୀ ୭ରୁ ୱାୟାନାଡ୍‌ଠାରେ ଖେଳାଯିବ।

**ପ୍ରଥମ ୩ ଦିନିକିଆ ପାଇଁ ଭାରତ ଏ' ଦଳ:** ଅଜିଙ୍କ୍ୟ ରାହାନେ (ଅଧିନାୟକ), ଅନମୋଲପ୍ରୀତ ସିଂ, ରିତୁରାଜ ଗାଏକ୍ୱାଡ, ଶ୍ରେୟାସ ଆୟର, ହନୁମା ବିହାରୀ, ଅଙ୍କିତ ବାଓନେ, ଇଶାନ କିଷାନ (ଉଇକେଟକିପର), କ୍ରୁନାଲ ପାଣ୍ଡ୍ୟା, ଅକ୍ଷର ପଟେଲ, ମୟଙ୍କ ମାର୍କଣ୍ଡେ, ଜୟନ୍ତ ଯାଦବ, ସିଦ୍ଧାର୍ଥ କାଉଲ, ଶାର୍ଦ୍ଦୁଳ ଠାକୁର, ଦୀପକ ଚହର ଓ ନବଦୀପ ସଇନି।

**ଚତୁର୍ଥ ଓ ପଞ୍ଚମ ଦିନିକିଆ ପାଇଁ ଭାରତ ଏ' ଦଳ:** ଅଙ୍କିତ ବାଓନେ (ଅଧିନାୟକ), ରିତୁରାଜ ଗାଏକ୍ୱାଡ, ଅନମୋଲପ୍ରୀତ୍‌ସିଂ, ରିକିଭୁଇ, ସିଦ୍ଧେଶ ଲାଡ୍, ହିମତସିଂ, ରିଷଭ ପନ୍ତ (ଉଇକେଟକିପର), ଦୀପକ ହୁଡା, ଅକ୍ଷର ପଟେଲ, ରାହୁଲ ଚହର, ଜୟନ୍ତ ଯାଦବ, ନବଦୀପ ସଇନି, ଆଭେସ ଖାଁ, ଦୀପକ ଚହର ଓ ଶାର୍ଦ୍ଦୁଳ ଠାକୁର।

**ବୋର୍ଡ ସଭାପତି ଏକାଦଶ ଦଳ:** ଇଶାନ କିଷାନ (ଅଧିନାୟକ ଓ ଉଇକେଟକିପର), ଅକ୍ଷଥ୍ ରେଡ୍ଡୀ, ଧ୍ରୁବ ସୋରେ, ରିକି ଭୁଇ, ସିଦ୍ଧେଶ ଲାଡ୍, ରିଙ୍କୁ ସିଂ, ପ୍ରିୟମ ଗର୍ଗ, ସୌରଭ କୁମାର, ରାହୁଲ ଚହର, ଜୟନ୍ତ ଯାଦବ, ଅନିକେତ ଚୌଧାରୀ, ଅଙ୍କିତ ରାଜପୁତ ଓ ରାଜେଶ ମହାନ୍ତି।

### ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତା

## ସେମିରେ କେନ୍ଦ୍ରୀୟ ବିଦ୍ୟାଳୟ, ଡିପିଏସ୍

**ଢେଙ୍କାନାଳ ଅଫିସ, ୧୯।୧**

ଢେଙ୍କାନାଳ ଷ୍ଟାଡିୟମରେ ଚାଲିଥିବା ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ମେମୋରିଆଲ ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ୨ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବିଜୟୀ ହୋଇ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍) ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ପ୍ରଥମ ମ୍ୟାଚ୍‌ରେ କେନ୍ଦ୍ରୀୟ ବିଦ୍ୟାଳୟ ୪-୦ ଗୋଲ୍‌ରେ ଏଲ୍.ଏମ୍. ହାଇସ୍କୁଲ ହରାଇ ଦେଇଥିଲା। ସୁନୀଲ କୁମାର ରାଉତ ୨ଟି ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ମ୍ୟାଚରେ ଡିପିଏସ୍ ୩-୧ ଗୋଲ୍‌ରେ ତାଳବରକୋଟ ରାମଚନ୍ଦ୍ର ବିଦ୍ୟାପୀଠକୁ ହରାଇ ଦେଇଛି। ରେଫରି ଅନିଲ ନନ୍ଦ, ସୁଜିତ ଦାସ, ଅମୂଲ୍ୟ ସାମଲ, ଅଭିଜିତ୍ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ପୂର୍ବତନ ଫୁଟବଲ ଖେଳାଳି ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ, ପ୍ରେମାନନ୍ଦ ବିହାରୀ ଅତିଥି ଭାବେ ଯୋଗଦେଇଥିଲେ। ଟାଉନ କ୍ଲବର ମନୋଜ ପଟ୍ଟନାୟକ, ଅସୀମ ଦାସ, ରାମକୃଷ୍ଣ ବେହେରା, ସଞ୍ଜୀବ ତ୍ରିପାଠୀ, ପିନାକୀ ତ୍ରିପାଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ରବିବାର ଜାଭିୟର୍ସ ସ୍କୁଲ ଏବଂ ବି.ବି. ହାଇସ୍କୁଲ, ମଣ୍ଟଫୋର୍ଟ ସ୍କୁଲ ଏବଂ ବଳରାମ ହାଇସ୍କୁଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।



ପ୍ରତିଯୋଗୀଙ୍କ ସହ ଅତିଥି କରମର୍ଦ୍ଦନ କରୁଛନ୍ତି।

## ଆନ୍ତଃ ବିଶ୍ୱବିଦ୍ୟାଳୟ ସିପକ୍‌ଟାକ୍ର: ଉତ୍କଳ ରନର୍ସଅପ୍

**ଭୁବନେଶ୍ୱର, ୧୯।୧(ସ୍ପୋର୍ଟ୍ସ ବ୍ୟୁରୋ)**

ଉତ୍ତରପ୍ରଦେଶ ବରେଲିସ୍ଥିତ ଏମ୍‌ଜେପି ରୋହିଲାଖଣ୍ଡ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ସିପକ୍‌ଟାକ୍ର ପ୍ରତିଯୋଗିତାର ଡବଲ୍ସ ଇଭେଣ୍ଟରେ ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟ ରନର୍ସଅପ୍ ହୋଇଛି। ଶନିବାର ଖେଳାଯାଇଥିବା ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟ ୨୧-୭, ୨୧-୬ରେ କାଲିକଟ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ୪ ପଏଣ୍ଟ ଅର୍ଜନ ସହ ଏହି ସଫଳତା ହାସଲ କରିଛି। ଏଥିରେ ଉସ୍‌ମାନିଆ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଥିବାବେଳେ ଆୟୋଜକ ଟିମ୍ ୩ୟ ସ୍ଥାନରେ ରହିଥିଲା। ନକ୍‌ଆଉଟ୍ ପର୍ଯ୍ୟାୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ୨୧-୭, ୨୧-୬ରେ କର୍ଣ୍ଣାଟକର କେଭିଏମ୍‌ପିକୁ, ୨୧-୯, ୧୮-୨୧, ୨୧-୧୪ରେ ମଣିପୁରକୁ ପରାସ୍ତ କରିଥିଲା। କିନ୍ତୁ ହାଇଦ୍ରାବାଦର ଉସ୍‌ମାନିଆ ବିଶ୍ୱବିଦ୍ୟାଳୟଠାରୁ ୨୨-୨୦, ୨୧-୧୫ରେ ଉତ୍କଳ ପରାସ୍ତ ହୋଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଓ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ପ୍ରଫେସର କବୀର ମୋହନ ସେଠୀ ଏହି ଅବସରରେ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

**ଉତ୍କଳ ବିଶ୍ୱବିଦ୍ୟାଳୟ ମହିଳା ସିପକ୍‌ଟାକ୍ର ଦଳ:** ଅଲିଭା ଦାସ, ବୈଶାଖୀ ସାହୁ, ମଧୁସ୍ମିତା ବେହେରା, ଲକ୍ଷ୍ମୀପ୍ରିୟା ପ୍ରଧାନ, ଲଲାଟେନ୍ଦୁ ସ୍ୱାଇଁ (କୋଚ୍) ଓ ଧର୍ମେନ୍ଦ୍ର ମହାନ୍ତି (ମ୍ୟାନେଜର)।



ରନର୍ସଅପ୍ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳ ଅତିଥିଙ୍କ ସହ।

### ଓଡ଼ିଶା ପ୍ରିମିୟର ଲିଗ୍

## ସମ୍ବଲପୁର-ଚିଲିକା, ବ୍ରହ୍ମପୁର-ପୁରୀ ସେମିଫାଇନାଲ

**ଭୁବନେଶ୍ୱର, ୧୯।୧(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ୟୁଥ୍ ଆନୁକୂଲ୍ୟରେ ବେଙ୍ଗାଲୁରୁ ଏଥେନା ଓ ଆଦିତ୍ୟ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ପ୍ରିମିୟର ଲିଗ୍ (ଓପିଏଲ୍)ର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇସାରିଛି। ରବିବାର ଚିଲିକା ଟେଓକ ଓ ସମ୍ବଲପୁର ପାଇରେଟ୍ସ ମଧ୍ୟରେ ପ୍ରଥମ ଏବଂ ପୁରୀ ଲାୟନ୍ସ ଓ ବ୍ରହ୍ମପୁର ଟାଇଗର୍ସ ମଧ୍ୟରେ ୨ୟ ସେମିଫାଇନାଲ ଖେଳାଯିବ। ଶନିବାର ପ୍ରତିଯୋଗିତାର ୨୬ତମ ମ୍ୟାଚ୍ ବ୍ରହ୍ମପୁର ଟାଇଗର୍ସ ଓ କେନ୍ଦ୍ରାପଡ଼ା ଡ୍ରାଗନ୍ସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ବ୍ରହ୍ମପୁର ୧୬ ଓଭରରେ ୯ ଉଇକେଟ୍ ହରାଇ ୧୪୮ ରନ୍ କରିଥିଲା। ଜବାବରେ କେନ୍ଦ୍ରାପଡ଼ା ନିର୍ଦ୍ଧାରିତ ଓଭରରେ ୬ ଉଇକେଟ୍ ହରାଇ ୧୧୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ବିଜୟ ସହ ବ୍ରହ୍ମପୁର ୪ର୍ଥ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲା। ବିଜୟୀ ଦଳର ଇର୍ଫାନ ଖାଁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହାପରେ ବ୍ରହ୍ମପୁର ଓ ରାଉରକେଲା କାଦୁଗଡ଼ି ୟୁନାଇଟେଡ୍ ମଧ୍ୟରେ ୪ର୍ଥ କ୍ୱାର୍ଟର ଫାଇନାଲ ହୋଇଥିଲା। ବ୍ରହ୍ମପୁର ଆଶିଷ ନୁନିରୁଲଙ୍କ ୫୯ ରନ୍ ବଳରେ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୭୫ ରନ୍ କରିଥିଲା। ଜବାବରେ ରାଉରକେଲା ୯ ଉଇକେଟ୍ ବିନିମୟରେ ୧୬୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଆଶିଷ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ତୃତୀୟ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର ବାଉନ୍ସରକୁ ୫ ଉଇକେଟ୍‌ରେ ପରାସ୍ତ କରି ସମ୍ବଲପୁର ପାଇରେଟ୍ସ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଏହି ମ୍ୟାଚ୍‌ରେ ଭୁବନେଶ୍ୱର ପକ୍ଷରୁ ଧାର୍ଯ୍ୟ ୧୫୫ ରନ୍‌ର ଲକ୍ଷ୍ୟକୁ ପିଛା କରି ସମ୍ବଲପୁର ୧୭.୩ ଓଭରରେ ୫ ଉଇକେଟ୍ ହରାଇ ହାସଲ କରିନେଇଥିଲା। ୬୨ ରନ୍ ସହ ୨ ଉଇକେଟ୍ ନେଇଥିବା ବିଜୟୀ ଦଳର ଆଶିଷ ମିତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଏହାପରେ କଟକ ବାରବାଟୀ ସୁପର୍ କିଙ୍ଗ୍ସ ଓ ଚିଲିକା ମଧ୍ୟରେ କ୍ୱାର୍ଟର ଫାଇନାଲ-୧ ଖେଳାଯାଇଥିଲା। କଟକ ପ୍ରଥମେ ବ୍ୟାଟିଂ କରି ୧୬୩ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଚିଲିକା ୧୬ ଓଭରରେ ୨ ଉଇକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ଅଲ୍‌ରାଉଣ୍ଡର ପ୍ରଦର୍ଶନ ଲାଗି ଚିଲିକାର ଅଙ୍କିତ ଦାସ (୯୧ ରନ, ୩ ଉଇକେଟ୍) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ଅନ୍ତିମ କ୍ୱାର୍ଟର ଫାଇନାଲ ଜଗତ୍‌ସିଂହପୁର କଳିଙ୍ଗ ଓ ପୁରୀ ଲାୟନ୍ସ କ୍ରିକେଟ୍ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଜଗତ୍‌ସିଂହପୁର ପକ୍ଷରୁ ଧାର୍ଯ୍ୟ ୧୧୬ ରନ୍‌କୁ ପିଛା କରି ପୁରୀ ୯.୫ ଓଭରରେ ଗୋଟିଏ ଉଇକେଟ୍ ବିନିମୟରେ ହାସଲ କରିନେଇଥିଲା। ପୁରୀର ତନ୍ମୟ ଦାସ (୨୦ ରନ୍ ଓ ୩ ଉଇକେଟ୍) ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ରବିବାର, ୨୦ ଜାନୁୟାରୀ / ୨୦୧୯ Dhenkanal, Sunday January 20 / 2019

## ସଂକ୍ଷେପରେ

### ୨୬ରେ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍

**ଭୁବନ, ୧୯।୧(ଡି.ଏନ.ଏ.)** ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆସନ୍ତା ଜାନୁୟାରୀ ୨୬ରେ ଭୁବନ ଷ୍ଟାଡିୟମ୍‌ରେ ଅଫିସର୍ସ-୧୧ ଏବଂ କ୍ରିକେଟର୍ସ-୧୧ ମଧରେ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିଲାଗି ଶନିବାର ସ୍ଥାନୀୟ ଡାକବଙ୍ଗଳାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣତନ୍ତ୍ର ଦିବସରେ ଅଞ୍ଚଳରେ ସମସ୍ତ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅଫିସର୍ସ-୧୧ର ଅଧିନାୟକ ତଥା ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା, ଦୁଷ୍ମନ୍ତ ପୃଷ୍ଟି, କୈଳାସ ବେହେରା, ଶକ୍ତିପ୍ରସାଦ ସାହୁ, ମାତୃପ୍ରସାଦ ମିଶ୍ର, ଶୁଭେନ୍ଦୁ ସାହୁ, ଗୁରୁ ପ୍ରସାଦ ମିଶ୍ର, ସୁଶାନ୍ତ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

### 'ଛାତ୍ରୀଛାତ୍ର ସମାଜର କର୍ଣ୍ଣଧାର'



**ଭୁବନ, ୧୯।୧(ଡି.ଏନ.ଏ.):** ଭୁବନସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ କହିଲେ, ଛାତ୍ରୀଛାତ୍ରମାନେ ସମାଜର କର୍ଣ୍ଣଧାର। ଜୀବନ କେବଳ ପାଠପଢ଼ାରେ ସୀମିତ ନୁହେଁ, ଖେଳକୁଦରେ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ପିଲାମାନେ ମଧ ସମାଜରେ ପ୍ରତିଷ୍ଠିତ ହୋଇପାରିବେ। ମୁଖ୍ୟବକ୍ତା ଭାବେ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା, ସମ୍ମାନିତ ଅତିଥି ପୂର୍ବତନ ଏନ୍‌ଏସି ଅଧକ୍ଷ ନନ୍ଦକିଶୋର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ବିଭାଗ ବାଳିକାରେ ଚନ୍ଦନା ସାହୁ, ବାଳକରେ ଭବାନୀ ଶଙ୍କର ମହାନ୍ତ, କନିଷ୍ଠ ବାଳିକାରେ ବିନିକା କରିଷ୍ମା ଗୁରୁ, ବାଳକରେ ସୁଭାଶିଷ ମହାନ୍ତ ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ଚୟନ ହୋଇଛନ୍ତି। କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଳକୃଷ୍ଣ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସମାରୋହରେ ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ବେହେରା ସ୍ୱାଗତ ଭାଷଣ ଓ ସମ୍ପାଦକ ହୃଷୀକେଶ ସାହୁ ଧନ୍ୟବାଦ ଦେଇଥିଲେ।

### ଅବସରପ୍ରାପ୍ତ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କାମାକ୍ଷାନଗର, ୧୯।୧(ଡି.ଏନ.ଏ.):** କାମାକ୍ଷାନଗର ଥାନା ପୋଲିସ ବାଉଁଶପାଳ ପଞ୍ଚାୟତର ଚୁଳିଆ ମୁଣ୍ଡାସାହି କେନାଲ ନିକଟରୁ ଶନିବାର ଏକ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ଅବସରପ୍ରାପ୍ତ ବିଦ୍ୟୁତ୍ ବିଭାଗ କର୍ମଚାରୀ ବିଦ୍ୟାଧର ସାମଲ (୬୫)। ତାଙ୍କ ଘର ବାଉଁଶପାଳ ପଞ୍ଚାୟତ ବାଙ୍ଗୁରା ଗ୍ରାମରେ। ସେ ନୂଆଆଲତୁମାରେ ଘରକରି ରହୁଥିଲେ। ଶୁକ୍ରବାର ସନ୍ଧ୍ୟାରୁ ସ୍କୁଟି ଧରି ସେ ଘରୁ କେଉଁଆଡ଼େ ପଳାଇଥିଲେ। ସକାଳେ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ଥାନାକୁ ସୂଚନା ଦେଇଥିଲେ। ଏ ନେଇ ନଂ.୧/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଘଟଣାସ୍ଥଳରୁ ଜବତ ସ୍କୁଟିକୁ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପାରିବାରକ କହଳରୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

### କୃଷକ ବିକାଶ ପରିଷଦ ଗଠିତ

**ଭୁବନ, ୧୯।୧(ଡି.ଏନ.ଏ.)** ଢେଙ୍କାନାଳ ଭୁବନ ଏନ୍‌ଏସି ଉପକଣ୍ଠ ଗୋପାଳପୁର କୋଠଘର ପରିସରରେ ଗୁରୁବାର ନୂତନ କୃଷକ ବିକାଶ ପରିଷଦ ଗଠିତ ହୋଇଛି। ବରିଷ୍ଠ ଚାଷୀ ବ୍ରଜବନ୍ଧୁ ରାଉତଙ୍କ ଅଧକ୍ଷତାରେ ଅଞ୍ଚଳରେ ଚାଷୀ ଓ ଚାଷ କ୍ଷେତ୍ରରେ ଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ସୁରେନ୍ଦ୍ର ପୃଷ୍ଟି, ଉପସଭାପତି ବିଦ୍ୟାଧର ବିହାରୀ, ସାଧାରଣ ସମ୍ପାଦକ ରଥ ସେଠୀ, ସମ୍ପାଦକ ବସନ୍ତ ରଣା, ନୀଳମଣି ସେଠୀ, କୋଷାଧକ୍ଷ ଭାବେ ପଣ୍ଡିତ ଗୁରୁଙ୍କୁ ଚୟନ କରାଯାଇଛି। ଭଗବାନ ସାହୁ, ଗିରିଧାରୀ ସାହୁ, ରମେଶ ସାହୁ, ଚକ୍ରଧର ସାହୁ, ଅଲେଖ ସାହୁ, ବିଚିତ୍ର ସାହୁ ଉପଦେଷ୍ଟା ମଣ୍ଡଳୀରେ ସ୍ଥାନ ପାଇଥିବାବେଳେ ଅର୍ଜୁନ ପୃଷ୍ଟିଙ୍କୁ ସମୀକ୍ଷକ ଭାବେ ଚୟନ କରାଯାଇଛି। ନବଗଠିତ ପରିଷଦ ଆଗାମୀ ଦିନରେ ଅଞ୍ଚଳର ଚାଷୀଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି।

■ଆଦିବାସୀ ଛାତ୍ରୀ ଗର୍ଭବତୀ ମାମଲା

# ଦୋଷ ଘୋଡ଼ାଇବାକୁ ଉଦ୍ୟମ

**ଢେଙ୍କାନାଳ ଅଫିସ, ୧୯।୧**

ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ଶେଲ୍‌ଟର ହୋମ୍‌ରେ ଅନ୍ତେବାସୀଙ୍କୁ ଯୌନଶୋଷଣ ଘଟଣାରେ ପଦାରେ ପଡ଼ିଥିଲା ପ୍ରଶାସନିକ ଅପାରଗତା। ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିବା ଉକ୍ତ ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ସପ୍ତଶଯ୍ୟା ଆଶ୍ରମ ସ୍କୁଲର ୮ମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା, ପୁଣି ଥରେ ଜିଲା ପ୍ରଶାସନ ମୁଣ୍ଡରେ ଲଗାଇଛି କଳଙ୍କର ଛିଟା। ଏପରି ସମ୍ବେଦନଶୀଳ ପ୍ରସଙ୍ଗରେ ଦୋଷ ଲୁଚାଇବାକୁ ଯଥାସାଧ୍ୟ ଉଦ୍ୟମ କରାଯାଉଛି। ଏ ସମ୍ପର୍କରେ ମଙ୍ଗଳ ବିଭାଗ କିମ୍ବା ଜିଲା ପ୍ରଶାସନର କୌଣସି ଅଧିକାରୀ ମୁହଁ ଖୋଲୁନାହାନ୍ତି, ଯାହା ଘଟଣାକୁ ଅଧିକ ଜଟିଳ କରିଦେଇଛି। ଅନ୍ୟପଟେ ସ୍କୁଲ କର୍ତ୍ତୃପକ୍ଷଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଥିବା କେତେଜଣ ବିଭାଗୀୟ କର୍ମଚାରୀ ନାମ ଗୋପନ ରଖିବା ସର୍ତ୍ତରେ ସୂଚନା ଦେଇଛନ୍ତି। ସେହିପରି ପୀଡ଼ିତାଙ୍କୁ ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ମଳୟ ନାୟକ କହିଛନ୍ତି।



■ସ୍କୁଲ କର୍ତ୍ତୃପକ୍ଷଙ୍କୁ କାରଣଦର୍ଶାଅ ନୋଟିସ୍

■ମଙ୍ଗଳ ବିଭାଗ କାର୍ଯ୍ୟାଳୟରେ ତାଲା

■ମୁହଁ ଖୋଲୁନାହାନ୍ତି ଅଧିକାରୀ

ଘଟଣାର ପ୍ରତିବାଦରେ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ଓ କଂଗ୍ରେସ ପକ୍ଷରୁ ଗଣଧାରଣା ଚାଲିଥିବା ବେଳେ ମଙ୍ଗଳ ବିଭାଗ ଅଧିକାରୀଙ୍କ ଦେଖା ମିଳି ନ ଥିଲା। କାର୍ଯ୍ୟାଳୟରେ ମଧ ତାଲା ଝୁଲୁଥିଲା। ବିଭାଗୀୟ କର୍ମଚାରୀମାନେ ଦୀର୍ଘ ସମୟ ଧରି ବାହାରେ ଛିଡ଼ା ହୋଇ ରହିଥିବାବେଳେ ଗୁରୁତ୍ୱପୂର୍ଣ୍ଣ କାମରେ ଆସୁଥିବା ଜନସାଧାରଣଙ୍କୁ ନିରାଶ ହେବାକୁ ପଡ଼ିଥିଲା। କାର୍ଯ୍ୟାଳୟ ପରିସରରେ ସୃଷ୍ଟି ହୋଇଥିବା ଏପରି ଅସ୍ୱାଭାବିକ ପରିସ୍ଥିତିକୁ ନେଇ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଦଳୀୟ କର୍ମକର୍ତ୍ତାମାନେ କାର୍ଯ୍ୟାଳୟ ସମ୍ମୁଖରେ ଏହାର ପ୍ରତିବାଦ କରିବା ସହ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ଫେରାଦ ହୋଇଥିଲେ। ମାର୍ବଲ କାମ ଚାଲିଥିବାରୁ କାର୍ଯ୍ୟାଳୟ ବନ୍ଦ ଥିବା ସେ ସଫେଇ ଦେଇଥିଲେ। ତେବେ ଏପରି ଉତ୍ତର ଏଏପି କର୍ମକର୍ତ୍ତାଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା। କାର୍ଯ୍ୟାଳୟ ସମୟରେ କାହିଁକି କାମ କରାଯାଉଛି ବୋଲି ସେମାନେ ଓଲଟା ପ୍ରଶ୍ନ କରିଥିଲେ। ହେଲେ ଅତିରିକ୍ତ ଜିଲାପାଳ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ।

ରାଜନୈତିକ ଦଳ, ଗଣମାଧ୍ୟମ ସମ୍ମୁଖରେ ତଥ୍ୟ ପ୍ରଘଟ ନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ପ୍ରବଳ ଚାପ ପଡ଼ିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏପରି ସମ୍ବେଦନଶୀଳ ଘଟଣାରେ ଅଧିକାରୀମାନେ ମୁହଁ ନ ଖୋଲିବା ପଛରେ କି ରହସ୍ୟ ରହିଛି ତାହା ତଦନ୍ତ ସାପେକ୍ଷ ବୋଲି ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି। ସେହିପରି ସପ୍ତଶଯ୍ୟା ଆଶ୍ରମ ସ୍କୁଲ ପରିସରକୁ ମଧ କାହାରିକୁ ଛଡ଼ାଯାଉନାହିଁ। ଏହାକୁ ନେଇ ବିଭିନ୍ନ ମହିଳା ସଙ୍ଗଠନ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦୋଷ ଲୁଚାଇବାକୁ ଏହା ପ୍ରଶାସନର ଚକ୍ରାନ୍ତ। ଅଧସ୍ତନ କର୍ମଚାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଭୟ ଦେଖାଯାଇଛି। ତେଣୁ କେହି ଏ ବାବଦରେ ମତ ଦେଉ ନ ଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## କିନ୍ନରଙ୍କୁ ଔଦ୍ୟୋଗିକ ବିକାଶ ତାଲିମ



କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ସଚେତନ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୯।୧**

କିନ୍ନରଙ୍କୁ ସଶକ୍ତ କରାଇବା ଉଦ୍ଦେଶ୍ୟରେ ଢେଙ୍କାନାଳ ବୋରାପଦାସ୍ଥିତ ଐରା ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଯ୍ୟାଳୟରେ ଶନିବାରଠାରୁ ଆରମ୍ଭ ହୋଇଛି ସାଧାରଣ ଔଦ୍ୟୋଗିକ ବିକାଶ କାର୍ଯ୍ୟକ୍ରମ। ଜିଲା ପ୍ରଶାସନ, ୟୁକୋ ବ୍ୟାଙ୍କ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ଏବଂ ଐରା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗରେ ଆୟୋଜିତ ଉକ୍ତ ଶିବିର ୬ଦିନ ଧରି ଚାଲିବ।

ୟୁକୋ ଗ୍ରାମ୍ୟ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନର ରାଜ୍ୟ ନିର୍ଦ୍ଦେଶକ ଧୋବେଇ ପ୍ରଧାନ, ଲିଡ୍ ବ୍ୟାଙ୍କ ମ୍ୟାନେଜର ମହେଶ୍ୱର ସାହୁ, ସିଡିଭିଓ ବି.କେ. ଦାସ, ଏଡିଭିଓ ଲିଙ୍ଗରାଜ ପରିଜା, ଜିଲା ସାମାଜିକ ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ବିଷ୍ଣୁଚରଣ ବେହେରା, ଐରାର ଅଧକ୍ଷ ଅନ୍ତର୍ଯ୍ୟାମୀ ରଥ, ନିର୍ଦ୍ଦେଶକ ସୁରେଶ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କିନ୍ନରଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଇବା, ସ୍ୱାବଲମ୍ବୀ ହେବାକୁ ବାଟ ଦେଖାଇବା ପ୍ରଶିକ୍ଷଣ ଶିବିର ମୁଖ୍ୟଲକ୍ଷ୍ୟ ବୋଲି ଶାଖା ନିର୍ଦ୍ଦେଶିକା ପୁଷ୍ପଲତା ତ୍ରିପାଠୀ ସୂଚନା ଦେଇଛନ୍ତି। ଚିନ୍ମୟ ଜେନା, ସୁଚିତ୍ରା ଗଡ଼ନାୟକ, କାଦମ୍ବରୀ ମହାକୁଡ, ପ୍ରଣବ ରଞ୍ଜନ ମିଶ୍ର, ଐରାର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ଅନ୍ତର୍ଜାତୀୟ ଆଲୋଚନାଚକ୍ରରେ ମତ

## 'ପ୍ରଭାବିତ କରୁଛି ପ୍ରଯୁକ୍ତି ବିଦ୍ୟା'




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୯।୧**

ପ୍ରଯୁକ୍ତି ବିଦ୍ୟାର ମାୟାଜାଲରେ ଧୀରେ ଧୀରେ ମଣିଷ ଛନ୍ଦି ହୋଇଯାଉଛି, ଯଦିଓ ବିକାଶ କ୍ଷେତ୍ରରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ; ତଥାପି ମଣିଷ ଏହାର ଅଧୀନ ହୋଇଯିବା ଦ୍ୱାରା ମାନସିକ, ବୌଦ୍ଧିକ, ଶାରୀରିକ ସର୍ବୋପରି ବିଚାରଧାରା ଉପରେ ଏହା ଗଭୀର ପ୍ରଭାବ ପକାଉଛି। ବୈଷୟିକ ପରିଚାଳନାକୁ ପ୍ରଯୁକ୍ତି ବିଦ୍ୟା ଅତିମାତ୍ରାରେ ପ୍ରଭାବିତ ମଧ କରୁଛି। ଏହାକୁ ସମାଜରେ ହିତରେ ବିନିଯୋଗ କରାଯାଇପାରିଲେ ମାନବ ସଭ୍ୟତା ବିକାଶର ନୂଆ ରୂପ ଦେଖିବ, ନଚେତ୍ ସବୁଜ ଗ୍ରହକୁ ଏହାର ବହୁମୂଲ୍ୟ ଦେବାକୁ ପଡ଼ିପାରେ ବୋଲି କହିଛନ୍ତି କାଠମାଣ୍ଡୁ ୟୁଦିଗ୍ଲୋବ୍ ମହାବିଦ୍ୟାଳୟର ଏକାଡେମିକ୍ ଡାଇରେକ୍ଟର ପ୍ରଫେସର ଡ. ରାଧେଶ୍ୟାମ ପ୍ରଧାନ। ଢେଙ୍କାନାଳ ସ୍ୱୟଂଶାସିତ କଲେଜରେ ଶନିବାର ଆୟୋଜିତ 'ରିସେଣ୍ଟ ଟ୍ରେଣ୍ଡସ୍ ଇନ୍ ବିଜ୍‌ନେସ୍ ମ୍ୟାନେଜମେଣ୍ଟ ଆଣ୍ଡ୍ ଇନଫର୍ମେଶନ ସାଇନ୍ସ' ଶୀର୍ଷକ ଏକଦିବସୀୟ ଅନ୍ତର୍ଜାତୀୟ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସେ ପ୍ରଯୁକ୍ତି ବିଦ୍ୟାର ଉଭୟ ସକାରାତ୍ମକ ଏବଂ ନକାରାତ୍ମକ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ସମ୍ମାନିତ ବକ୍ତା କାଠମାଣ୍ଡୁ ୟୁଦିଗ୍ଲୋବ ମହାବିଦ୍ୟାଳୟର ପ୍ରୋଗ୍ରାମ ଡାଇରେକ୍ଟର ପ୍ରଫେସର ଅନନ୍ତରାଜ ଘିମିରି କହିଲେ, ଆଜିର ସମୟରେ ଉଦ୍ୟୋକ୍ତା ହେବା ଛାତ୍ରୀଛାତ୍ରଙ୍କ ପାଇଁ ନୂଆ ଚ୍ୟାଲେଞ୍ଜ। ଶିକ୍ଷା ସହିତ ପ୍ରଯୁକ୍ତି ବିଦ୍ୟାର ସୁବିନିଯୋଗ କରିପାରିଲେ ଏ କ୍ଷେତ୍ରରେ ଆସୁଥିବା ପ୍ରତିବନ୍ଧକ ଅତି ସହଜରେ ଦୂର ହୋଇପାରିବ ବୋଲି ସେ ପରାମର୍ଶ ଦେଇଥିଲେ। ଆଇଜିଆଇଟି ପ୍ରଫେସର ଡ. ସରୋଜାନନ୍ଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ ଜ୍ଞାନକୌଶଳ ଜୀବନଶୈଳୀକୁ କିପରି ପ୍ରଭାବିତ କରୁଛି ସେ ନେଇ ଆଲୋକପାତ କରିଥିଲେ। ଇଂଲିଶ ବିଭାଗ ମୁଖ୍ୟ ପ୍ରଫେସର ରଞ୍ଜିତ ପ୍ରଧାନ, ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଫେସର ପଦ୍ମକାନ୍ତ ମିଶ୍ର, ପ୍ରଫେସର ଧରଣୀଧର ରଣା ଆଲୋଚନାଚକ୍ରରେ ଭାଗ ନେଇଥିଲେ।

ପ୍ରାରମ୍ଭରେ କଲେଜ ଅଧକ୍ଷା ରଶ୍ମି ମିଶ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଦ୍ୟୁମ୍ନ କୁମାର ଦାଶ, ଅଧାପିକା ଗାୟତ୍ରୀ ମିଶ୍ର, ଅଧାପକ ସ୍ୱରୂପ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପିକା ମାନସୀ ରଥ, ଏଲିସା ମହାପାତ୍ର, ଅଧାପକ ସୁଶାନ୍ତ ପାଲ, ମୃତ୍ୟୁଞ୍ଜୟ ପଣ୍ଡା, ସନ୍ତୋଷ ନନ୍ଦ, ନିତ୍ୟସୁନ୍ଦର ସିଅ, ମନୋଜ ତ୍ରିପାଠୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ନର୍ସିଂହୋମ୍ ଷ୍ଟାଫ୍‌ନର୍ସଙ୍କ ସନ୍ଦେହଜନକ ମୃତ୍ୟୁ

**ଢେଙ୍କାନାଳ ଅଫିସ, ୧୯।୧**

ଢେଙ୍କାନାଳ ଟାଉନ ଥାନା ନିକଟରେ ଥିବା ଏକ ଘରୋଇ ନର୍ସିଂହୋମ୍‌ର ମୁଖ୍ୟ ଷ୍ଟାଫ୍‌ନର୍ସଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କ ଘର କଟକ ଜିଲା ତିଗିରିଆ ଥାନା ଅଞ୍ଚଳରେ। ସେ ଦୀର୍ଘଦିନ ହେଲା ସମ୍ପୃକ୍ତ ନର୍ସିଂ ହୋମ୍‌ରେ କାର୍ଯ୍ୟ କରୁଥିଲେ। ଗୁରୁତର ଅବସ୍ଥାରେ ବିଳମ୍ବିତ ରାତିରେ ନର୍ସିଂହୋମ କର୍ତ୍ତୃପକ୍ଷ ତାଙ୍କୁ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟ ଏବଂ ପରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ସନ୍ଦେହ ବଢ଼ିବାରୁ ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ନର୍ସିଂହୋମ୍ ପରିଚାଳନା ଦାୟିତ୍ୱରେ ଥିବା ଡା. ଶାନ୍ତିଭୂଷଣ ପଣ୍ଡା କୁହନ୍ତି, ସମ୍ପୃକ୍ତା ଷ୍ଟାଫ୍‌ନର୍ସ ଟ୍ୟୁବରକ୍ୟୁଲୋସିସ୍ ରୋଗରେ ପୀଡ଼ିତ ଥିଲେ। ଏହି ରୋଗ କାରଣରୁ ହୃଦ୍‌ରୋଗରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ପରିବାର ଲୋକ ଅବଗତ ଥିବା ସେ ସୂଚନା ଦେଇଛନ୍ତି। ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ଅଭିନବ ଡାଲୁଆ କହିଛନ୍ତି।

## ଯୌତୁକ ନିର୍ଯାତନା, ସ୍ୱାମୀ ଗିରଫ

**ଢେଙ୍କାନାଳ ଅଫିସ, ୧୯।୧**

ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ ଗଁଦିଆ ଥାନା ପୋଲିସ ରାଇତଳା ଗ୍ରାମର ଅଶ୍ୱିନୀ କୁମାର ସ୍ୱାଇଁ (୩୩)ଙ୍କୁ ଶନିବାର ଗିରଫ କରିଛି। ଅଶ୍ୱିନୀ ନିହଲପ୍ରସାଦ ଥାନା ପୁରୁଣାଅମାଙ୍ଗ ଗ୍ରାମର କୌଶଲ୍ୟା ରାଉତ (୨୧)ଙ୍କୁ ୨୦୧୫ରେ ବିବାହ କରିଥିଲେ। ବିବାହ ପରେ କୌଶଲ୍ୟାଙ୍କୁ ଶାଶୁଘରେ ନିର୍ଯାତନା ଦିଆଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ନଂ. ୧୬/୧୯ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

### ପୋଡ଼ିଗଲେ ଶିଶୁ କନ୍ୟା

**କାମାକ୍ଷାନଗର, ୧୯।୧(ଡି.ଏନ.ଏ.)**–ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ବାଟଗାଁ ପଞ୍ଚାୟତ ତଣ୍ଡିମୁଣ୍ଡା ଗ୍ରାମର ବାସୁ ମୁଣ୍ଡାଙ୍କ ଝିଅ ମାନସୀ (୪) ଶନିବାର ନିଆଁରେ ପୋଡ଼ିଯାଇ ଗୁରୁତର ହୋଇଛନ୍ତି। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ କାମାକ୍ଷନଗର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି। ମାନସୀ ଶୀତରୁ ରକ୍ଷା ପାଇବା ଲାଗି ନିଆଁରେ ସେକି ହେଉଥିବାବେଳେ ଅସାବଧାନତାବଶତଃ ପୋଡ଼ିଯାଇଥିଲେ।

# ଧରାପଡ଼ିଲେ ଲୁଟେରା ଗ୍ୟାଙ୍ଗ

**ଢେଙ୍କାନାଳ ଅଫିସ,୧୯।୧**

ରାତିରେ ଦୋକାନକୁ କରୁଥିଲେ ଟାର୍ଗେଟ୍। ଖୁଚୁରା ପଇସା, ବିସ୍କୁଟଠାରୁ ଆରମ୍ଭ କରି ଗୁଟ୍‌ଖା ଯାଏ କିଛି ଛାଡୁ ନ ଥିଲେ। ସିରିଜ୍ ଲୁଟ୍ କରି ମାରୁଥିଲେ ଚମ୍ପଟ। ଢେଙ୍କାନାଳ ପୋଲିସ ଆଖିରୁ ନିଦ ହଜାଇ ଦେଇଥିବା ଉକ୍ତ ଲୁଟେରା ଗ୍ୟାଙ୍ଗର ଦୁଇ ସଦସ୍ୟ ଧରାପଡ଼ିଛନ୍ତି। ସେମାନେ ହେଲେ ଚନ୍ଦନବଜାର ଅଞ୍ଚଳର କାଳିଆ ନାୟକ (୨୨) ଏବଂ ଜୟଗୋପାଳ ସାହି ଅଞ୍ଚଳର ମିଲୁ ବେହେରା (୧୯)। ସେମାନଙ୍କ ନିକଟରୁ ୧୯,୫୦୦ ଟଙ୍କା, ୪୨ ମୋବାଇଲ, ୨୦ ମୋବାଇଲ ବ୍ୟାଟେରି, ୧୩ ଇୟରଫୋନ, ବାଇକ୍, ଅଟୋରିକ୍ସା ସମେତ ଲୁଟ୍‌ରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ଟାଉନ ଥାନା ପରିସରରେ ଶନିବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ କଳାକାରନାମାର ପର୍ଦ୍ଦାଫାଶ କରିଛନ୍ତି ଥାନାଧିକାରୀ ଅଭିନବ ଡାଲୁଆ। ଘଟଣାରେ ଫେରାର ଥିବା ଅନ୍ୟ ୩ ଅଭିଯୁକ୍ତଙ୍କୁ ଧରିବା ଲାଗି ଉଦ୍ୟମ ଚଳାଇଛି ପୋଲିସ।

■୨ ଅଭିଯୁକ୍ତ ଗିରଫ, ୩ ଫେରାର

■୪୨ ମୋବାଇଲ, ବାଇକ୍, ଅଟୋରିକ୍ସା ଜବତ



ଗିରଫ ଦୁଇ ଅଭିଯୁକ୍ତ ସହ ଜବତ ଲୁଟ୍ ସାମଗ୍ରୀ।

ଏ ନେଇ ଆଇଆଇସି କୁହନ୍ତି, ଡିସେମ୍ବର ୪ ରାତିରେ ଗଣେଶ ବଜାରରେ ଥିବା ଏକ ଦୋକାନରୁ ୪୦ ମୋବାଇଲ ଏବଂ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଲୁଟ୍ ହୋଇଥିଲା। ସେହିଦିନ ଅଭିଯୁକ୍ତମାନେ ବଳରାମ ମନ୍ଦିର ନିକଟ ଏକ ଦୋକାନ ଭାଙ୍ଗି ପାନ ମସଲା, ବିସ୍କୁଟ ସହ ଖୁଚୁରା ପଇସା ନେଇଯାଇଥିଲେ। ଡିସେମ୍ବର ୨୭ରେ ବେଲଟିକିରି ଅଞ୍ଚଳର ଏକ ଦୋକାନରୁ ୧୨ଟି ମୋବାଇଲ, ନଗଦ ଟଙ୍କା ଲୁଟ୍ ହୋଇଥିଲା। ଡିସେମ୍ବର ମାସ ତୃତୀୟ ସପ୍ତାହରେ ଭୁବନ ଥାନା ଅଞ୍ଚଳରୁ ଅଭିଯୁକ୍ତମାନେ ଅଟୋରିକ୍ସାରେ ଯାଇ ଦୋକାନ ତାଲା ଭାଙ୍ଗି ୧ ଲକ୍ଷ ୮୦ହଜାର ଟଙ୍କା ସମେତ ଅନ୍ୟ ଗ୍ରୋସେରି ସାମଗ୍ରୀ ଲୁଟି ନେଇଥିଲେ। ଜାନୁୟାରୀ ୧୨ରେ ହାଟରୋଡ ଅଞ୍ଚଳର ଏକ ଗ୍ରୋସେରି ଦୋକାନରୁ ତାଲାକାଟି ଟଙ୍କା ବାକ୍ସ ଥିବା ଟେବୁଲ ଉଠାଇ ନେଇଥିଲେ। ସେଥିରେ ୩୦ ହଜାର ଟଙ୍କା ଥିଲା। ଏହାକୁ ଅଭିଯୁକ୍ତମାନେ ନିଜ ନିଜ ଭିତରେ ବାଣ୍ଟି ନେଇଥିଲେ।

ବାରମ୍ବାର ଏପରି ଲୁଟ୍ ବ୍ୟବସାୟୀଙ୍କ ମଧରେ ଭୟ ଓ ଆତଙ୍କ ଖେଳାଇ ଦେଇଥିଲା। ଏଥିରେ ଏକ ଲୁଟେରା ଗ୍ୟାଙ୍ଗର ସମ୍ପୃକ୍ତି ଥିବା ପ୍ରଥମରୁ ସନ୍ଦେହ କରାଯାଉଥିଲା। ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଜାଲ ବିଛାଇଥିଲା। କୌଣସି ସୂତ୍ରରୁ ସୂଚନା ପାଇ ଚନ୍ଦନବଜାର ପଞ୍ଚମହଲା ନିକଟରୁ କାଳିଆଙ୍କୁ ଏବଂ ଜୟଗୋପାଳ ସାହିରୁ ମିଲୁଙ୍କୁ ପୋଲିସ ଗିରଫ କରିଥିଲା। ଉଭୟଙ୍କ ଘରେ ଚଢ଼ାଉ ପରେ ଚୋରି ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତମାନେ ଲୁଟ୍ ଟଙ୍କାରେ ଏକ ବାଇକ୍ କିଣିଥିଲେ। ଏହାକୁ ଚୋରିରେ ବ୍ୟବହାର କରୁଥିଲେ। ସେହିପରି ଅଟୋରିକ୍ସା ଭଡ଼ାରେ ନେଇ ଅନ୍ୟ ଅଞ୍ଚଳକୁ ଲୁଟ୍ କରିବାକୁ ଯାଉଥିବା ଆଇଆଇସି ସୂଚନା ଦେଇଛନ୍ତି। ଥାନାଧିକାରୀଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ କ୍ଷୀତୀଶ ପାତ୍ର, କାଲଟାକ୍ସ ଫାଣ୍ଡି ଅଧିକାରୀ ମାଧବ ନାୟକ, ଏଏସ୍‌ଆଇ ପୋଲନ୍ତି ଖଡ଼ିରତ୍ନ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

## କାରୁବାକୀ ମହୋତ୍ସବ: ଶିବତାଣ୍ଡବରେ ଝୁମିଲେ ଦର୍ଶକ




ନୃତ୍ୟରତ ଗୁରୁ ତିମିରସୁ ଓ ସାଥୀ କଳାକାର।

**ଢେଙ୍କାନାଳ ଅଫିସ, ୧୯।୧**

ଢେଙ୍କାନାଳ ଶତରୂପା ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ସ୍ଥାନୀୟ ମିନିଷ୍ଟାଡିୟମ୍‌ରେ ଶନିବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି ଦୁଇଦିନିଆ କାରୁବାକୀ ମହୋତ୍ସବ। ମୁଖ୍ୟଅତିଥି ଭାବେ ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୀବନବୀମା ଶାଖା ମୁଖ୍ୟ ପରିଚାଳକ ଗଙ୍ଗାଧର ବେହେରା, ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ, ସୋମ୍ ଅଟୋର ପରିଚାଳନା ନିର୍ଦ୍ଦେଶକ ହର୍ଷବର୍ଦ୍ଧନ ସିଂଦେଓ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

ଅନୁଷ୍ଠାନର ସମ୍ପାଦକ ତଥା ଗୁରୁ ତିମିରସୁ ପଟ୍ଟନାୟକ ଏବଂ ସାଥୀ କଳାକାରଙ୍କ ଦ୍ୱାରା ପରିବେଷିତ ଶିବତାଣ୍ଡବ ନୃତ୍ୟ ଶୀତୁଆ ରାତିକୁ ଅଧିକ ରସସିକ୍ତ କରିଥିଲା। ଏହି ଅବସରରେ ଚିକିତ୍ସକ ଡ. ଶ୍ରୀନିବାସ ହୋତା, ଓଡ଼ିଶୀ ନୃତ୍ୟଗୁରୁ ପୁଷ୍ପିତା ମିଶ୍ର, ମା' ଦକ୍ଷିଣକାଳୀ ସିଙ୍ଗବାଜା ଦଳ ଓ ନେତାଜୀ କ୍ଲବକୁ ରାଜ୍ୟସ୍ତରୀୟ କାରୁବାକୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଅଧକ୍ଷ ବିପିନ ବିହାରୀ ପଟ୍ଟନାୟକ ଉପସ୍ଥିତ ଥିଲେ। ଶେଷରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଚନ୍ଦନ ଏବଂ ମନୀଷା ଏହାକୁ ସଂଯୋଜନା କରିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ